### ଉପକୂଳ ଜଙ୍ଗଲରେ ଖାଦ୍ୟ ଓ ପାନୀୟ ଜଳର ଘୋର୍ ଅଭାବ

# ଜନବସତିମୁହାଁ ଚିତ୍ରା ହରିଣ, ବାର୍‌ହା

**ଅସ୍ତରଙ୍ଗ, ୧୯ ।୪(ସମିସ)**





ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳ ଜଙ୍ଗଲରେ ପ୍ରମୁଖ ଆକର୍ଷଣ ହେଉଛନ୍ତି ଚିତ୍ରା ହରିଣ ଏବଂ ଜଙ୍ଗଲୀ ବାରହା। ୯୯ମସିହା ମହାବାତ୍ୟା ପରେ ଏମାନଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିଲା କିନ୍ତୁ ଏବେ ସେମାନଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି। କିନ୍ତୁ ଜଙ୍ଗଲରେ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ ସାଙ୍ଗକୁ ଉପଯୁକ୍ତ ବାସସ୍ଥାନ ଅଭାବ ଫଳରେ ବିଭିନ୍ନ ସମୟରେ ସେମାନେ ବାଟ ହୁଡୁଛନ୍ତି। ଖାଦ୍ୟ, ପାନୀୟ ଆଶାରେ ଜନବସତି ମୁହାଁ ହେଉଥିବାରୁ ବିପଦରେ ପଡୁଛନ୍ତି। କେତେବେଳେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି ତ ପୁଣି କେତେବେଳେ ଗାଡ଼ି ଦୁର୍ଘଟଣା ଏପରି କି ଜଳାଶ୍ରୟରେ ପଡ଼ି ଜୀବନ ହରାଇଥାନ୍ତି। ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ଠାରୁ ଅସ୍ତରଙ୍ଗ ଦେବୀନାସି ପର୍ଯ୍ୟନ୍ତ ଅବସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟ ଶହେରୁ ଅଧିକ ବର୍ଗ କି.ମି ଅଞ୍ଚଳରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟର ପରିବେଶ ବେଶ୍ ମନମୁଗ୍ଧକର ଶାନ୍ତଶୀତଳ ଥିବାରୁ ବିଭିନ୍ନ ପ୍ରକାର ଜୀବଜନ୍ତୁ ରହି ଆସୁଥିଲେ। କିନ୍ତୁ୨୦୧୯ର ଫନୀ ବାତ୍ୟା ଅଭୟାରଣ୍ୟର ସବୁଜିମାକୁ ଧୂଳିସାତ୍ କରି ଦେଇଥିଲା ବାତ୍ୟାରେ ଲକ୍ଷଲକ୍ଷ ଗଛ ଧରାଶାୟୀ ହୋଇଥିବା ବେଳେ ସେଠାରେ ଥିବା ଜଙ୍ଗଲୀ ଜିବ ଏଣେତେଣେ ପଳାଇ ଯାଇଥିଲେ। ବାତ୍ୟାର କିଛିଦିନ ପରେ ଯଦିଓ ସେମାନେ ଫେରିଥିଲେ କିନ୍ତୁ ସଂଖ୍ୟା ବହୁତ କମିଯାଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଦ୍ରୁତ ସହରୀକରଣ ଯୋଗୁ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ଗୋଟିଏ ପଟେ ଜଙ୍ଗଲ ସଙ୍କୁଚିତ ହେଉଥିବା ବେଳେ ଅନ୍ୟପଟେ ବନ୍ୟପ୍ରାଣୀଙ୍କ ବାସ ପାଇଁ ସଙ୍କଟ ସୃଷ୍ଟି ହେଲାଣି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ ସଙ୍କଟ ଯୋଗୁ ବେଳେ ବେଳେ ସେମାନେ ମୃତାହତ ହେଉଛନ୍ତି। ବାତ୍ୟାରେ ଅଭୟାରଣ୍ୟର ଏକର ଏକର ଜାଗାରୁ ଗଛ ଉପୁଡ଼ି ଭାଙ୍ଗିଯାଇଥିଲା। କେତେକାଂଶରେ ବାଲୁଖଣ୍ଡରେ ଯଦିଓ ସବୁଜିମା ସୃଷ୍ଟି ହୋଇଛି ତଥାପି ହରିଣଙ୍କୁ ଯେଉଁଭଳି ପର୍ଯ୍ୟାପ୍ତ ସବୁଜ ଘାସ ମିଳୁଥିଲା ତାହା ମିଳୁନାହିଁ। ଏପଟେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଗଲେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ଲୋକମାନେ ଫାଶ ବସାଇ ବାରାହା, ହରିଣକୁ ଧରି ମାରି ମାଂସ ଖାଉଛନ୍ତି।ଗତ ୧୦ ତାରିଖରେ ପୁରୀଜିଲ୍ଲା କାକଟପୁର ଥାନା ଅଧୀନ ଅବଦାନ ପଞ୍ଚାୟତର ନୂଆଗାଁ ଜଙ୍ଗଲ, ମୂଷାପଦା ଜଙ୍ଗଲ ଅଞ୍ଚଳରେ ରାତିରେ ଅବାଧରେ ହରିଣ ମାଂସ ବିକ୍ରି ହେଉଥିବା ସୂଚନା ମିଳୁଛି। ସେହିପରି ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ଅଣକଣା, ଆଇଁସିଣିଆ, ପାପିରା, ସହନ, ସୁଧୀକେଶ୍ୱର, କୋଟ, ବଳଭଦ୍ରପୁର କାକଟପୁର ବ୍ଲକ ଅଧିନସ୍ଥ ଚିତ୍ରେଶ୍ୱରୀ, ଅବଦାନ, କୁରୁଜଙ୍ଗ, ଯମତଳା, ବିଅଁଳ ଆଦି ଗ୍ରାମରେ ହରିଣପଲ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ହରିଣମାନଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହେଲେଣି ଉପକୂଳିଆ ଗ୍ରାମବାସୀ। କିନ୍ତୁ ବନ ବିଭାଗ ସବୁ ଜାଣି ଆଖି ବୁଜି ବସିଛି। ଗ୍ରାମବାସୀଙ୍କ ଅନୁରୋଧ ଶୁଣୁଛନ୍ତି ନା ନିଜେ କିଛି କରୁଛନ୍ତି। ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଜିଲ୍ଲା ବନବିଭାଗ ନିକଟରେ ସ୍ଥାନୀୟ ପରିବେଶବିତ ଦାବି କରିଛନ୍ତି।

## ନିମ୍ନମାନର ସ୍କୁଲ ଗୃହ କାର୍ଯ୍ୟକୁ ବିରୋଧ

**ଗମ୍ଭାରୀପଦା/କାକଟପୁର, ୧୯ ।୪(ସମିସ):** କାକଟପୁର ବ୍ଲକ ଶିକ୍ଷା ବିଭାଗ ଅଧିନସ୍ଥ ଲତାହରଣ ଗ୍ରା:ପ ବସ୍ତିରେ ଥିବା ଲତାହରଣ ଉର୍ଦ୍ଧ୍ୱ ବିଦ୍ୟାଳୟରେ ପଞ୍ଚାୟତ ସମିତି ପକ୍ଷରୁ ନିର୍ମାଣ କରାଯାଉଥିବା ଦୁଇ ମହଲା ବିଶିଷ୍ଟ ଶ୍ରେଣୀ ଗୃହରେ ପିଲର ନ କରି ତତ୍ କାଳୀନ କନିଷ୍ଠ ଯନ୍ତ୍ରୀ ନିଜ ନାମରେ ଥିବା କାର୍ଯ୍ୟାଦେଶର ଦୂରୁପଯୋଗ କରି ସ୍କୁଲର ପ୍ରଧାନଶିକ୍ଷକଙ୍କ ଦ୍ୱାରା କାର୍ଯ୍ୟ କରାଉଥିଲେ।ଫଳରେ ପିଲାର ନ ଥିବା ସ୍କୁଲ ଗୃହରେ ପିଲାମାନଙ୍କର ନିରାପତ୍ତାକୁ ନଜରରେ ରଖି ଅଭିଭାବକ ଓ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ବର୍ତ୍ତମାନର କନିଷ୍ଠ ଯନ୍ତ୍ରୀ ସ୍ଥାନୀୟ ରାଜନେତାଙ୍କ କଥାରେ ବଶବର୍ତ୍ତୀ ହୋଇ ଅଧାଗଢ଼ା କାର୍ଯ୍ୟକୁ ସମ୍ପୂର୍ଣ୍ଣ ବିଧାୟକ ପାଣ୍ଠିର ଅର୍ଥରେ ନିଜ ନାମରେ କାର୍ଯ୍ୟାଦେଶ ରଖି ପୂନର୍ବାର ସେହି ପ୍ରଧାନଶିକ୍ଷକଙ୍କ ଦ୍ୱାରା କାର୍ଯ୍ୟକରାଉଥିବାରୁ କ୍ରାଇମ ବ୍ୟୁରୋ ଇନଭେଷ୍ଟିଗେସନ ଟ୍ରଷ୍ଟ ସଭ୍ୟ ସରଫରାଜ ଖାଁ ବିରୋଧ କରି ଏହାର ଭିଜିଲାନ୍ସ ତଦନ୍ତ ଦାବି କରିବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳୁଥିବାରୁ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ଓ ପ୍ରଧାନଶିକ୍ଷକଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବାହାରଣା ସୁଦର୍ଶନଦାରୁ ପିଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ନୟାହାଟ, ୧୯ ।୪(ସମିସ):**ଚାରିଛକ ଥାନା ଅନ୍ତର୍ଗତ ବାହାରଣା ଠାରେ ଥିବା ସୁଦର୍ଶନ ଦାରୁ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞ କର୍ତ୍ତା ଭାବେ ବେଣୁଧର ମହାପାତ୍ର ଓ କର୍ତ୍ତି ଭାବେ ଅର୍ଚ୍ଚନା ମହାପାତ୍ର ପୂଜା କାର୍ଯ୍ୟରେ ବସିଥିଲେ। ସକାଳେ ସୂର୍ଯ୍ୟପୂଜା କରାଯାଇ ଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ଆଦିକନ୍ଦ ମିଶ୍ର, ଦାମୋଦର ମିଶ୍ର, ଅମୂଲ୍ୟ ମିଶ୍ର, ସର୍ବେଶ୍ୱର ରଥ, ପ୍ରଫୁଲ୍ଲ ମିଶ୍ର, ନିମାଇଁ ଚରଣ ମିଶ୍ର, ପଦ୍ମନାଭ ମିଶ୍ର, ବାବୁଲା ମିଶ୍ର, ସୁରେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ମା'ବାଇଦେଇଙ୍କ କଳସ ଯାତ୍ରା



**ନୟାହାଟ, ୧୯ ।୪(ସମିସ):** ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଅମର ପ୍ରସାଦ ଠାରେ ଥିବା ମା'ବାଇଦେଇ ଙ୍କ ବର୍ଷିକ ମହାଯଜ୍ଞ ପାଇଁ ଶୁକ୍ରବାର ଦିନ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରା ପୂର୍ବରୁ ପ୍ରଥମେ ମା'ବାଇଦେଇ ଠାକୁରାଣୀଙ୍କୁ ସ୍ନାନ କରି କଳସ ପାଣି ଆଣିବା ପାଇଁ ଅମରେଶ୍ୱର ନିକଟସ୍ଥ ପବିତ୍ର ଗୋତୀର୍ଥକୁ ଯାଇଥିଲେ।ସେଠାରେ ନୀତି ନିୟମ ଅନୁସାରେ ପୂଜା କରି କଳସ ଆଣିଥିଲେ।ମା' ବାଇଦେଇଙ୍କ କଳସ ଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ପୁରୁଷ ମହିଳା ଯୋଗଦେଇ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। କଳସ ଯାତ୍ରାରେ ମା'ବାଇଦେଇ କମିଟିର ସଦସ୍ୟ, ସାଇ ବାବା ଟ୍ରଷ୍ଟ ସହିତ ଆସିଥିବା ଶ୍ରଦ୍ଧାଳୁ ସହଯୋଗ କରିଥିଲେ।

## ପାନୀୟ ଜଳ ବଣ୍ଟନ




**ନିମାପଡ଼ା, ୧୯।୪(ସମିସ):** ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ନିମାପଡ଼ା ବ୍ଲକ ଅନ୍ତର୍ଗତ ଖେଲାର ସ୍କୁଲ ନିକଟରେ ନେକ୍ସସ ହେଲ୍ପ ଫାଉଣ୍ଡେସନ ପକ୍ଷରୁ ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜଳଛତ୍ର କେନ୍ଦ୍ରକୁ ଫାଉଣ୍ଡେସନର ସଦସ୍ୟ ସର୍ବଜିତ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଫାଉଣ୍ଡେସନର ଉପଦେଷ୍ଟା ଅଭିଜିତ ଜେନା, ପ୍ରଶାନ୍ତ କୁମାର ରାଉତ, ଦେବାଶିଷ ସ୍ୱାଇଁ, ବିଷ୍ଣୁ ପ୍ରିୟା ଲେଙ୍କା, ଶୁଭକାନ୍ତ ସ୍ୱାଇଁ, ମିଥୁନ ପ୍ରଧାନ, ଗୁରୁଦତ୍ତସ୍ୱାଇଁ, ଆଶିଷ କୁମାର ମହାପାତ୍ର, ସୁବ୍ରତ ମଲ୍ଲିକ, ଚନ୍ଦନ ମହାରଣା ଓ ଦେବାଶିଷ ଦାଶଙ୍କ ସହଯୋଗରେ ଜନସାଧାରଣଙ୍କୁ ପାନୀୟ ଜଳ ବଣ୍ଟନ କରାଯାଇଛି।

## ଜମରା ଗ୍ରାମରେ ଅଷ୍ଟମପ୍ରହର ନାମଯଜ୍ଞ



**ବାଙ୍ଗୁରିଗାଁ, ୧୯ ।୪(ସମିସ):** କାକଟପୁର ବ୍ଲକ ଅନ୍ତର୍ଗତ ବାଲିଦୋକାନ ନିକଟସ୍ଥ ଜମରା ଗ୍ରାମରେ ତିନି ଦିନ ବ୍ୟାପୀ ଅଷ୍ଟମପ୍ରହର ନାମଯଜ୍ଞ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମଦେବୀ ମା'ଦୁଲାଦେଇଙ୍କ ପୀଠରେ ପବିତ୍ର ଶ୍ରୀରାମ ନବମୀ ଅବସରରେ ଆୟୋଜିତ ହୋଇଥିଲା। ପ୍ରଥମ ଦିବସ ଅଧିବାସରେ ଗ୍ରାମବାସୀ ଓ ମହିଳାଙ୍କ ଦ୍ୱାରା ବାବା ଦକ୍ଷିଣେଶ୍ୱର ପୀଠରୁ ପୂଜାର୍ଚ୍ଚନା ଓ ହୋମଯଜ୍ଞ ପୂର୍ବକ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ ନବମୀ ଦିନ ଅଷ୍ଟମ ପ୍ରହର ନାମ ସଙ୍କୀର୍ତ୍ତନ ଓ ଶେଷ ଦିବସରେ ନଗର ସଙ୍କୀର୍ତ୍ତନ ଓ ଯମୁନା ଗାଧୁଆ ମହୋତ୍ସବ ସହ ଉଦ୍‌ଯାପିତ ହୋଇଥିଲା। ଏହି ଅବସରରେ ନିକଟ ଅଞ୍ଚଳର ପ୍ରାୟ ୧୦ଟି ସଙ୍କୀର୍ତ୍ତନ ମଣ୍ଡଳୀ ହରିନାମ ଗାନ ପରିବେଶକୁ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲେ। ଗ୍ରାମ କମିଟି ସଭାପତି ଜଗବନ୍ଧୁ ବିଶ୍ୱାଳ, ସମ୍ପାଦକ ଅନୁପମ ଖଟୋଇ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନା ସହଯୋଗ କରିଥିଲେ।

## ନିମାପଡ଼ା କଲେଜରେ ଅଗ୍ନି ନିରାପତ୍ତା ସପ୍ତାହ




**ନିମାପଡ଼ା, ୧୯।୪(ସମିସ):** ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାରଦିନ ନିମାପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ପୁଷ୍ପିତା ରାଜଗୁରୁଙ୍କ ଅଧକ୍ଷତାରେ ମହାବିଦ୍ୟାଳୟର ଏନ୍‌ସିସି, ଏନ୍‌ଏସଏସ ଓ ଆଇକ୍ୟୁଏସି ଦ୍ୱାରା ମହାବିଦ୍ୟାଳୟ ଭାର୍ଗବୀ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଗ୍ନିସେବା ବିଭାଗର ଅଧିକାରୀ ସରୋଜ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଗ୍ନିର ପ୍ରକାରଭେଦ ଓ ଏହାର ବିଭିନ୍ନ ନିର୍ବାପନ କୌଶଳ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅ୍ଧାପକ ଡଃ ରବୀନ୍ଦ୍ରନାଥ ପାଢ଼ୀ, ଅଧାପକ ପ୍ରଦୀପ୍ର କୁମାର ଦାଶ, ଡଃ ନନ୍ଦୀନ ପଟ୍ଟନାୟକ, ଅଧାପକ ସୁବ୍ରତ ମହାନ୍ତି, ଅଧାପକ ସହଦେବ ପରିଡ଼ା, ଅଧାପକ ବିଷ୍ଣୁଚରଣ ସାହୁ, ଅଧାପକ ଅଶୋକ କୁମାର ସ୍ୱାଇଁ, ଅଧାପକ ସବ୍ୟସାଚି ସେନାପତି ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ଅଗ୍ନି ନିରାପତ୍ତା ଜ୍ଞାନକୌଶଳ ଉପରେ ଶିକ୍ଷା ଗ୍ରହଣ କରିଥିଲେ।

## ସାକ୍ଷୀଗୋପାଳରେ ରାମନବମୀ ପର୍ବ ପାଳନ



**ସାକ୍ଷୀଗୋପାଳ୧୯।୪(ସମିସ):** ସାକ୍ଷୀଗୋପିନାଥ ଦେବଙ୍କ ମନ୍ଦିର ସଲଗ୍ନରେ ରହିଛି ରାମ ମନ୍ଦିର। ପ୍ରତି ବର୍ଷ ଚୈତମାସ ଶୁକ୍ଳ ନବମୀ ତିଥିରେ ପୁରାଣ ଶାସ୍ତ୍ର ମତରେ ଭଗବାନ ଶ୍ରୀରାମଙ୍କ ଜନ୍ମ ଦିବସ ଭାବେ ପାଳନ କରାଯାଇଥାଏ। ଦ୍ୱାରଫିଟା, ସ୍ନାନ, ନୂତନବସ୍ତ୍ର ପରିଧାନ, ତୁଳସି, ଫୁଲ ମାଳ ଲାଗି ପରେ ଆଳତି, ଅବକାଶ, ବାଲଭୋଗ, ଖେଚୁଡି ଭୋଗ କରାଯାଇଥିଲା। ପରେ ଜନ୍ମବିଧି ଅନୁଯାୟୀ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ମନ୍ଦିର ପୁରୋହିତ ଗୋପିନାଥ ଦାଶ ଓ ପୂଜକ ବଂଶୀଧର ପାଢ଼ୀ ପୂଜାକାର୍ଯ୍ୟ ସମାପନ କରିଥିଲେ। ଏହି ଅବସରରେ ଶ୍ରୀରାମ ଜନ୍ମ ମହୋତ୍ସବ କମିଟି ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରା, ଓଡିଶୀ ନୃତ୍ୟ, ଆଳତି ଓ ଶ୍ରୀରାମ ବନ୍ଦନା ସହିତ ସଭା ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ ସତ୍ୟବାଦୀ ଦାଶ, ରବୀନ୍ଦ୍ର ନାଥ ଷଡଙ୍ଗୀ, ସିଂହଦ୍ୱାର ଭଜନ କମିଟିର ସମ୍ପାଦକ ଦିବାକର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପରେ ଭଜନ ସମାରୋହ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଲୋକ ଖୁଣ୍ଟିଆ ସଂଯୋଜନା କରିଥିଲେ। ସେହିପରି ପଟ୍ଟନାୟିକିଆ ସ୍ଥିତ ସାଇ ମନ୍ଦିରରେ ରାମନବମୀ ତଥା ସାଇବାବାଙ୍କ ଜନ୍ମତିଥି ପାଳିତ ହୋଇଯାଇଛି। ଏହି ଅବସରରେ ଠାକୁରଙ୍କ ନୀତିକାନ୍ତି କରାଯିବା ସହ ଜନ୍ମବିଧି ଅନୁଯାୟୀ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ପରେ ବାବାଙ୍କର ଚାବାଡି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା

## ବ୍ୟାନରରେ ଚାଲିଛି ଜଳଛତ୍ର




**କଣାସ, ୧୯ ।୪(ସମିସ):**ଗ୍ରୀଷ୍ମ ପ୍ରଭାବ ଯୋଗୁଁ ଛକଜାଗାମାନଙ୍କରେ ଜଳଛତ୍ର ଖୋଲିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ପୁରୀ ଜିଲ୍ଲା କଣାସ ବ୍ଲକର ୨୮ ଟି ପଞ୍ଚାୟତର ବିଭିନ୍ନ ଛକସ୍ଥାନରେ ଜଳଛତ୍ର ଖୋଲିବା ପାଇଁ କଣାସ ବିଡିଓ ନାରାୟଣ ସାହୁ ସମସ୍ତ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦେବା ପରେ କାଁ ଭାଁ କିଛି ସ୍ଥାନରେ ଜଳଛତ୍ର ଖୋଲା ଯାଇଛି। କିନ୍ତୁ ଅଧିକାଂଶ ସ୍ଥାନରେ ଜଳଛତ୍ର ଦିଆଯାଉଥିବା ବ୍ୟାନର ମରାଯାଇଥିବା ବେଳେ କୌଣସି ଜଳପାତ୍ର ନଥିବା ଦେଖିବାକୁ ମିଳିଛି। ଆଉ କେତେକ ସ୍ଥାନରେ ଜଳପାତ୍ର ନଥିବା ମାଟିହାଣ୍ଡି ଖାଲିରେ ଗଡୁଥିବା ଦେଖାଯାଉଛି। ଶୁକ୍ରବାର କାଦୁଆ ପଞ୍ଚାୟତର ସାହସପୁର ଗ୍ରାମର ମେଡିକାଲ ଛକଠାରେ ଜଳଛତ୍ର ଦିଆଯାଉଥିବା ଉକ୍ତବ୍ୟାନର ମରାଯାଇଥିବା ବେଳେ ଜଳ ବିତରଣ ପାଇଁ କୌଣସି ସାରଞ୍ଜାମ ନଥିବା ଦେଖିବାକୁ ମିଳିଥିଲା। ଏସମ୍ପର୍କରେ କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି ବିଡିଓଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ୱାର୍ଡ ସଭ୍ୟମାନଙ୍କୁ ନିଜ ନିଜ ଗାଁ ଛକସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲି। ଏସମ୍ପର୍କରେ ବିଡିଓ ନାରାୟଣ ସାହୁଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ବାରମ୍ବାର ସରପଞ୍ଚମାନଙ୍କୁ ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦେଲେ ମଧ ପାଳନ କରୁନାହାଁନ୍ତି।

## ପ୍ରାର୍ଥୀ ଚୟନରେ ଅସନ୍ତୁଷ୍ଟ; ବିଜେପିରେ ଗୋଷ୍ଠୀ କନ୍ଦଳ

**ଗମ୍ଭାରୀପଦା /କାକଟପୁର, ୧୯ ।୪(ସମିସ):** ଭାରତୀୟ ଜନତା ପାର୍ଟି ନିର୍ବାୟକ ଲଢେଇ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ରାଜ୍ୟସ୍ତରୀୟ ନେତୃତ୍ୱଙ୍କ ଖାମଖିଆଲି ପ୍ରାର୍ଥୀ ଚୟନ ତଳସ୍ତରରେ କର୍ମୀମାନଙ୍କୁ ନିରୁତ୍ସାହିତ କରୁଥିବା ଦେଖିବାକୁ ମିଳିଛି। ପ୍ରଥମ କଥା ହେଲା ବିଜେପି ସ୍ଥାନୀୟ ନେତୃତ୍ୱକୁ ଅଣଦେଖା କରି ନିର୍ବାଚନ ମଣ୍ଡଳୀ ବାହାର ବ୍ୟକ୍ତିଙ୍କୁ ଟିକେଟ ଦେଇଛି।ମେଣ୍ଟବ୍ୟୁହରୁ ବିଜେପି ବାହାରି ଏକାକୀ ଲଢିବା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ ମଧ୍ୟ, ପ୍ରାର୍ଥୀ ଚୟନରେ ସ୍ଥାନୀୟ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା କର୍ମୀମାନଙ୍କ ଉପରେ ଭରସା ନ କରି ଦଳ ମଧ୍ୟରେ ମନୋନୀତ କର୍ମୀମାନଙ୍କ ଉପରେ ଭରସା କରି ଟିକଟ ଦେଇଥିବାରୁ କାକଟପୁର ଅଫିସ ସମେତ ରାଜ୍ୟ କାର୍ଯ୍ୟାଳୟରେ କର୍ମୀମାନେ ବିରୋଧ ପ୍ରଦର୍ଶନ କରି କାକଟପୁର ମାଟିରୁ ପ୍ରାର୍ଥୀ ଦେବାପାଇଁ ଦାବି କରିଛନ୍ତି।ଦଳ ମଧ୍ୟରେ ଅସନ୍ତୋଷ ବିଜେପି ପାଇଁ ମହଙ୍ଗା ପଡ଼ିବ ବୋଲି ରାଜନୈତିକ ବିଶ୍ଳେଷଣମାନେ ମତ ରଖିଛ।



## ମାଲୁଦରେ ବିଜେଡିର ନିର୍ବାଚନୀ ବୈଠକ




**କୃଷ୍ଣପ୍ରସାଦ, ୧୯ ।୪(ସମିସ)**

ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚୁଦୋଳ ପଡ଼ିଆରେ ବିଜେଡ଼ିର ନିର୍ବାଚନୀ ବୈଠକ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଦିଲୀପ କୁମାର ରଣସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡି ବିଧାୟକ ପ୍ରାର୍ଥୀ ଉମା ସାମନ୍ତରାୟ, ସାଂସଦ ପ୍ରାର୍ଥୀ ଅରୂପଟ୍ଟନାୟକ ବିଜେଡ଼ି ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଅଧକ୍ଷା ସରୋଜିନୀ ତରେଇ, ଅବସରପ୍ରାପ୍ତ ସୈନିକ ଦୀପକ ଜେନା, ରାଜ୍ୟ ଯୁବ ସଭାପତି ଜୟନ୍ତ କୁମାର ମହାନ୍ତି, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ବିଜୟକୁମାର ପାଲଟାସିଂହ, ପୂର୍ବତନ ସରପଞ୍ଚ ରମେଶ ମହାପାତ୍ର, ଶିକ୍ଷାବିତ ପ୍ରଦୀପ କୁମାର ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଶାନ୍ତନୁ ମାଝୀ, ବ୍ଲକ ଅଧକ୍ଷ ପ୍ରତିନିଧି ବିଜୟକୁମାର ତରେଇ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସଭାପତି ଦିଲୀପ ରଣସିଂହ ବିଧାୟକ, ସାଂସଦଙ୍କ କୀର୍ତ୍ତି ସହ ନବୀନ ପଟନାୟକଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ନିର୍ବାଚନୀ ପ୍ରସ୍ତୁତି ବୈଠକରେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଉକ୍ତ ସଭାରେ ୧୪ ପଞ୍ଚାୟତର ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ। ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ଉମା ସାମନ୍ତରାୟ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନ ହିତକର କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହ ଗତ ନିର୍ବାଚନରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ହାତ ଛଡା କରି ଆଜି ଅନୁତାପ କରୁଛି। ତେଣୁ ୨୦୨୪ ନିର୍ବାଚନ ଆପଣଙ୍କ ବିକାଶକୁ ଲକ୍ଷ୍ୟ କରି ମତଦାନ କରିବେ। ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ହାତକୁ ଟାଣ କରିବା ପାଇଁ ଅନୁରୋଧ କରିଥିଲେ।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ୱ ରବୀନ୍ଦ୍ର ନାଥ ଦାସ
(ପ୍ରାକ୍ତନ ଓଡ଼ିଶା ବରିଷ୍ଠ ସେବା ପ୍ରଶାସନିକ ଅଧିକାରୀ, ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀ ସଂପାଦକ)
ଆବିର୍ଭାବ- ୧୭.୦୫.୧୯୪୨
ତିରୋଧାନ: ୨୦.୦୪.୨୦୨୨

ଚାହିଁ ଚାହିଁ ଦୁଇ ବର୍ଷ ବିତିଗଲାଣି। ଏମିତି ଗୋଟିଏ ଦିନ ନାହିଁ, ଯେଉଁ ଶୂନ୍ୟସ୍ଥାନ କରିଯାଇଛ, ତାହା ଅପୂରଣୀୟ । ତୁମେ ଯେଉଁଠି ଥାଅ ଭଲରେ ଥାଅ, ଏହା ନୃସିଂହ ନାଥଙ୍କ ନିକଟରେ ପ୍ରାର୍ଥନା।

-: ଶ୍ରଦ୍ଧାଞ୍ଜଳି ସହ :-
ହତଭାଗିନୀ ପତ୍ନୀ- ଡଲି, ପୁଅ- ପୁପୁନ୍, କନ୍ୟା-ପିଙ୍କୁ, ଜ୍ୱାଇଁ-ବୁଲୁ, ନାତି/ନାତୁଣୀ- ନୂତନ, ନୂପୁର ଓ ବନ୍ଧୁ ପରିଜନ

୧୯/୪/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୧୫,୩୪୮/- ସୁନା: ୦୦.୨୦୦ ଗ୍ରାମ୍ ରୁପା: ୭୨.୩୦୦ ଗ୍ରାମ୍



ଶ୍ରୀକ୍ଷେତ୍ରରେ ସାହିଯାତ

# ସରିଲା ସୀତା ବିବାହ, ଆଜି ବନବାସ

**ପୁରୀ,୧୯।୪(ସମିସ):** ରାଜର୍ଷି ଜନକ କନ୍ୟା ସୀତାଙ୍କ ସ୍ୱୟମ୍ବର ପାଇଁ ଆୟୋଜନ କରିଥାନ୍ତି। ପଣ ଥିଲା ଶିବ ଧନୁ ଯିଏ ଭଙ୍ଗ କରିବ ସିଏ ହିଁ ସୀତାଙ୍କୁ ବିବାହ କରିବେ। ସ୍ୱୟମ୍ବରରେ ସମଗ୍ର ଦେଶର ରାଜା ମହାରାଜାମାନେ ଭାଗ ନେଇଥିଲେ। ଧନୁ ଭାଙ୍ଗିବା ତ ଦୂରର କଥା କେହି ଶିବ ଧନୁ ଉଠାଇ ପାରି ନ ଥିଲେ। ମହର୍ଷି ବିଶ୍ୱାମିତ୍ରଙ୍କ ସହିତ ରାମଲକ୍ଷ୍ମଣ ଦୁଇଭାଇ ସ୍ୱୟମ୍ବରରେ ପହଞ୍ଚିଥିଲେ। ଗୁରୁଦେବଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀରାମ ଅନାୟସରେ ଶିବ ଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିଛନ୍ତି। ଶ୍ରୀରାମ ସୀତାଙ୍କୁ ନେଇ ଅଯୋଧ୍ୟା ବାହାରିବା ବେଳେ ପର୍ଶୁରାମଙ୍କ ସହିତ ଭେଟ ହୋଇଛି। ଏହାପରେ ପର୍ଶୁରାମ ପ୍ରସ୍ତାବ ତଥା ପର୍ଶୁରାମ ଲୀଳା ଆରମ୍ଭ ହୋଇଛି। ସାହିଯାତର ତୃତୀୟ ଦିନରେ ଶୁକ୍ରବାର ବିଗ୍ରହମାନଙ୍କ ନିକଟରେ ହରଚଣ୍ଡୀ ସାହି ଆଖଡା ପକ୍ଷରୁ ପର୍ଶୁରାମ ପ୍ରସ୍ତାବ ଆଗତ ହୋଇଛି।





ଆଠସାହି ପକ୍ଷରୁ ସାହିଯାତ ମାଧ୍ୟମରେ ପାଳିତ ହେଉଛି ରାମଲୀଳା। ଚୈତ୍ର ଶୁକ୍ଳ ଏକାଦଶୀ ଅବସରରେ ସମ୍ପନ୍ନ ହୋଇଛି ରାମଲୀଳାର ସୀତା ବିବାହ ଓ ପର୍ଶୁରାମ ପ୍ରସ୍ତାବ ନୀତି। ହରଚଣ୍ଡୀ ସାହି ପକ୍ଷରୁ ସାହିଯାତ ମାଧ୍ୟମରେ ପର୍ଶୁରାମ ପ୍ରସ୍ତାବ ନୀତି ସମ୍ପନ୍ନ କରାଯାଇଛି । ପୂର୍ବାହ୍ନରେ ହରଚଣ୍ଡୀ ସାହି ଜାଗାରୁ ପର୍ଶୁରାମଙ୍କୁ ନେଇ ବିଶାଳ ପଟୁଆର ବାହାରିଥିଲା। ଏହି ପଟୁଆର ବିଭିନ୍ନ ଜାଗା ଓ ସାହି ପରିକ୍ରମା କରିଥିଲା। ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ବିଶ୍ୱାମିତ୍ର ଏବଂ ପର୍ଶୁରାମଙ୍କୁ ନେଇ ପଟୁଆର ହରଚଣ୍ଡୀ ସାହିରୁ ବାହାରିଥିଲା। ବିଶାଳ ପଟୁଆରରେ ସେମାନେ ସାହି ପରିକ୍ରମା କରିବା ସହିତ ବାଦିସାହି ତଥା ମିତ୍ର ସାହି ବାଲିସାହିରେ ପହଞ୍ଚିଥିଲେ। ପଟୁଆର ବାଲିସାହି ପରିକ୍ରମା କରିବା ପରେ ସେଠାରୁ ସିଂହଦ୍ୱାର ଦେଇ ଶ୍ରୀଜଗନ୍ନାଥ ବଲ୍ଲଭରେ ପହଞ୍ଚିଥିଲା। ଏପଟେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମ ଲକ୍ଷ୍ମଣଙ୍କୁ ନେଇ ରତ୍ନସିଂହାସନ ଉପରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକ ରାମ ଲକ୍ଷ୍ମଣଙ୍କୁ ବଟ ବୃକ୍ଷ ମୂଳେ ଥିବା ପାଲିଙ୍କିକୁ ବିଜେ କରାଇଥିଲେ। ବିମାନ ବଡୁମାନେ ପାଲିଙ୍କିଙ୍କୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ରାମ ଲକ୍ଷ୍ମଣ ଓ ସୀତାଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଝୁଲଣ ଘର ଖଟ ଉପରେ ବିଜେ କରାଯାଇଥିଲା। ଏହାପରେ ମଠର ଆରାଧ୍ୟ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ହୋଇଥିଲା। ଠାକୁରଙ୍କ ନିକଟରେ ଶୀତଳ ଭୋଗ ପନ୍ତି ହୋଇଥିଲା। ହରଚଣ୍ଡୀ ସାହି ଆଖଡା ପଟୁଆରରେ ଆସି ପହଞ୍ଚିଥିବା ରାମ, ଲକ୍ଷ୍ମଣ, ବିଶ୍ୱାମିତ୍ର ଏବଂ ପର୍ଶୁରାମ ନୀତିରେ ସାମିଲ ହୋଇଥିଲେ। ଜାଗା ପକ୍ଷରୁ ପର୍ଶୁରାମ ପ୍ରସ୍ତାବ ଆଗତ ହୋଇଥିଲା। ପର୍ଶୁରାମ ଏବଂ ରାମ ବଚନିକା ହୋଇଥିଲା। ବୈଷ୍ଣବ ଧନୁରେ ଗୁଣ ଚଢାଇ ଶ୍ରୀରାମ ପର୍ଶୁରାମଙ୍କ କଳାହରଣ କରିଥିଲେ। ପର୍ଶୁରାମ ତପସ୍ୟା ନିମନ୍ତେ ମହେନ୍ଦ୍ର ପର୍ବତକୁ ଚାଲିଯାଇଥିଲେ। ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଏହି ନୀତି ଦେଖିବାକୁ ଭିଡ଼ ଜମିଥିଲା।

ଯୁବକଙ୍କୁ ହତ୍ୟା ଘଟଣା

## ଦୁଇ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ



**ପୁରୀ,୧୯।୪(ସମିସ):** ପୁରୀ ସଦର ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟା ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଅଭିଯୁକ୍ତ ଦ୍ୱୟ ହେଲେ ଶାସନଦାମୋଦରପୁର ପଞ୍ଚାୟତ ତୋଟାସାହିର କୁମର ପ୍ରଧାନ ଓ ବେଣୁଧର ପ୍ରଧାନ। ସେମାନଙ୍କ ବିରୋଧରେ ସଦର ଥାନାରେ ଏକ ମାମଲା (ନଂ.୧୮୦/୨୪) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ତୋଟାସାହି ତୁଳସୀ ବଜାରରେରେ ବାନାମ୍ବର ପ୍ରଧାନ ସପରିବାର ରହୁଛନ୍ତି। ତୁଳସୀ ବଜାରରେ ତାଙ୍କର ଏକ ଉପହାର ଦୋକାନ ଏବଂ ତାଙ୍କ ସାନଭାଇ ସୁବନା ପ୍ରଧାନଙ୍କର ଏକ ପାନ ଦୋକାନ ରହିଛି। ଗତ ୧୨ ତାରିଖ ସନ୍ଧ୍ୟାରେ ସେହି ପଞ୍ଚାୟତ ଅନ୍ତର୍ଗତ ନରହରିପୁର ତୋଟାବାଡ଼ର ମନୋରଞ୍ଜନ ମିଶ୍ର ବଜାରକୁ ଆସି ବାନାମ୍ବରଙ୍କ ଦୋକାନ ପାଖରେ ବଡ଼ ପାଟିରେ ଗାଳିମନ୍ଦ କରୁଥିଲେ। ବାନାମ୍ବର ବିରୋଧ କରିବାରୁ ମନୋରଞ୍ଜନ ତାଙ୍କୁ ଏକ ଚାପୁଡ଼ା ମାରିଥିଲେ। ଏହାଦେଖି ବାନାମ୍ବରଙ୍କ ପୁଅ କୁମାର, ସୁବନାଙ୍କ ପୁଅ ବେଣୁଧର ଏବଂ ବାନାମ୍ବରଙ୍କ ପରିବାର ସଦସ୍ୟ ପହଞ୍ଚି ମନୋରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଶରୀରର ସମ୍ବେଦନଶୀଳ ସ୍ଥାନରେ ଆଘାତ ଲାଗିଥିଲା। ଖବର ପାଇ ମନୋରଞ୍ଜନଙ୍କ ଭାଇ ନିରଞ୍ଜନ ପହଞ୍ଚି ତାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ବୁଧବାର ସକାଳେ ମନୋରଞ୍ଜନଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୁଲିସ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

## ଛାତ୍ରଙ୍କୁ ଜଙ୍ଗଲକୁ ଟେକିନେଇ ମରଣାନ୍ତକ ଆକ୍ରମଣ

### ବଳି ପକାଇବାକୁ ଯୋଜନା କରିଥିବା ଅଭିଯୋଗ

**ପୁରୀ,୧୯।୪(ସମିସ):** ଜଣେ ଛାତ୍ରକୁ ଅନ୍ୟ ୪ ଜଣ ଯୁବକ ଭଡ଼ା ଘରୁ ଜଙ୍ଗଲକୁ ଟେକିନେଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏପରି କି ସମ୍ପୃକ୍ତ ଛାତ୍ରଙ୍କୁ ବଳିଦେବା ଲାଗି ଯୋଜନା କରିଥିଲେ ବୋଲି ତାଙ୍କ ବାପା ଶୁକ୍ରବାର ବ୍ରହ୍ମଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ୪ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ବେଳେ ବଳିଦେବା ଖବରକୁ ଅସ୍ୱୀକାର କରିଛନ୍ତି ଥାନାଧିକାରୀ।

ଅଭିଯୋଗ ଅନୁଯାୟୀ, ଅସ୍ତରଙ୍ଗ ଥାନା ବରାଙ୍ଗ ଗ୍ରାମର ଅରୁଣ କୁମାର ମହାନ୍ତିଙ୍କ ପୁଅ ଦିବ୍ୟଜ୍ୟୋତି ବ୍ରହ୍ମଗିରିସ୍ଥିତ ପଲିଟେକ୍‌ନିକ କଲେଜରେ ପଢୁଛନ୍ତି। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂର ପ୍ରଥମ ବର୍ଷର ଛାତ୍ର ଦିବ୍ୟଜ୍ୟୋତି କଲେଜ ହଷ୍ଟେଲରେ ରହୁଥିଲେ। ମାତ୍ର କିଛିଦିନ ଧରି ୪ ଜଣ ପିଲା ତାଙ୍କୁ ମାଡ଼ ମାରି ଧମକ ଚମକ ଦେଇ ହଷ୍ଟେଲରେ ନ ରହି ବାହାରେ ରହିବାକୁ ବାଧ୍ୟ କରିଥିଲେ। ହେଲେ ସେମାନଙ୍କ କଥା ନ ମାନିବାରୁ ସେହି ପିଲାମାନେ ତାଙ୍କୁ ହଇରାଣ କରିଥିଲେ। ଫଳରେ କଲେଜ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ବାହାରେ ଭଡ଼ାଘରେ ରହି କ୍ଲାସ କରୁଥିଲେ। ଗତ ବୁଧବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଦିବ୍ୟଜ୍ୟୋତିଙ୍କୁ ତାଙ୍କ ଭଡ଼ା ଘରୁ ଟେକିନେଇ ନିକଟସ୍ଥ ଜଙ୍ଗଲକୁ ପଳାଇଥିଲେ। ଡ୍ରେସ୍ ଖୋଲି ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏପରି ବାଡ଼େଇଥିଲେ ଯେ, ଶରୀରର ବିଭିନ୍ନ ସ୍ଥାନରେ ନୋଳା ଫାଟିଯାଇଛି। ହାତଗଣ୍ଠି ଛେଚିଥିଲେ। ଫଳରେ ସଂଜ୍ଞାହୀନ ହୋଇଯାଇଥିଲେ ଦିବ୍ୟଜ୍ୟୋତି। ଏହାପରେ ତାଙ୍କୁ ହରଚଣ୍ଡୀ ମନ୍ଦିରରେ ବଳି ପକାଇବା ଯୋଜନା କରିଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ତାଙ୍କ ବାପା ଅରୁଣ। ହେଲେ କୌଣସି ପ୍ରକାରେ ଅଭିଯୁକ୍ତମାନଙ୍କ କବଳରୁ ଖସି ଆସିଥିଲେ। ଭଡ଼ା ଘରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ଦିବ୍ୟଜ୍ୟୋତିଙ୍କୁ ଦୁଇଦିନ ହେବ ଗୋଟିଏ ଘରେ ପୂରାଇ ରଖିଥିଲେ। ସେ ଦୁଇଦିନ ହେବ କିଛି ଖାଇ ନ ଥିଲେ। ଘର ମାଲିକ ଏ ବିଷୟରେ ଜାଣିବା ପରେ ତାଙ୍କୁ ଖବର ଦେବାରୁ ଶୁକ୍ରବାର ସେ ପହଞ୍ଚିଥିଲେ ବୋଲି ଅରୁଣ କହିଛନ୍ତି। ତେଣୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପୁଲିସକୁ ନିବେଦନ କରିଛନ୍ତି।

ଏସମ୍ପର୍କରେ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଦିବ୍ୟଜ୍ୟୋତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ମାତ୍ର ବଳିଦେବା କଥାର କୌଣସି ସତ୍ୟତା ନାହିଁ। ତେବେ ୪ ଅଭିଯୁକ୍ତ ଏବଂ ସେମାନଙ୍କ ଅଭିଭାବକଙ୍କୁ ଥାନାକୁ ଡକାଯାଇ ପଚରାଉଚରା କରାଯାଉଛି। ସେହିପରି ପଲି ଟେକ୍‌ନିକ କଲେଜ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଡକାଯାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ ଚାଲିଛି। ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

# ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଭୋଟର ସଚେତନତା

**ପୁରୀ/କୃଷ୍ଣପ୍ରସାଦ,୧୯।୪(ସମିସ):** ନିର୍ବାଚନ ଗଣତନ୍ତ୍ରର ମହାପର୍ବ। ଗଣତନ୍ତ୍ରକୁ ସୁଦୃଢ ଓ ସଶକ୍ତ କରିବାରେ ମତଦାତାଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ତେଣୁ ନିଜ ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଆସନ୍ତା ମେ ୨୫ ତାରିଖରେ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ନିର୍ବାଚନମଣ୍ଡଳୀ ଏବଂ ଜୁନ୍ ୧ ତାରିଖରେ କାକଟପୁର ଓ ନିମାପଡା ନିର୍ବାଚନ ମଣ୍ଡଳୀର ଭୋଟରମାନେ ନିଶ୍ଚିତ ମତଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଛନ୍ତି। ଏ




ନେଇ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଶୁକ୍ରବାର ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀର କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳ ପରିଦର୍ଶନ କରିବା ସହ ବିଭିନ୍ନ ବୁଥ୍ ଅନୁଧ୍ୟାନ କରିଥିଲେ। ବୁଥ୍‌ଗୁଡ଼ିକରେ ଭୋଟରମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ଯଥା ପାନୀୟ ଜଳ ବ୍ୟବସ୍ଥା, ଅପେକ୍ଷା ସ୍ଥଳରେ ଛାଇ ବ୍ୟବସ୍ଥା, ରାମ୍ପ, ଶୌଚାଳୟ ଇତ୍ୟାଦି ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଓ ଏସ୍‌ପି ପିନାକ ମିଶ୍ର ସମସ୍ତ ଭୋଟର ନିଶ୍ଚିତ ମତଦାନ ପାଇଁ ଅନୁରୋଧ କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଓ ଏସ୍‌ପି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ମଇଁଷା ପ୍ରାଥମିକ ବିଦ୍ୟାଳୟ, ବରହମପୁର ପ୍ରାଥମିକ ବିଦ୍ୟାଳୟ ଓ ଅଳନ୍ଦାପାଟଣା ପ୍ରାଥମିକ ବିଦ୍ୟାଳୟରେ ହେବାକୁ ଥିବା ବୁଥ୍‌କୁ ଡଙ୍ଗା ମାଧ୍ୟମରେ ଯାଇ ପରିଦର୍ଶନ କରିଥିଲେ। ଦୁଇ ଜିଲ୍ଲା ମୁଖ୍ୟଙ୍କୁ ଦେଖି ସେଠାର ଗ୍ରାମବାସୀ ଖୁସିବ୍ୟକ୍ତ କରିବା ସହ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଡେପୁଟି କଲେକ୍ଟର ନିର୍ବାଚନ ରାକେଶ କୁମାର ପଣ୍ଡା, କୃଷ୍ଣପ୍ରସାଦ ବିଡ଼ିଓ ଅମୀୟ କୁମାର ପଣ୍ଡା, କୃଷ୍ଣପ୍ରସାଦ ତହସିଲଦାର ଅଭିଷେକ ସାହୁ, ବ୍ରହ୍ମଗିରି ବିଡ଼ିଓ ମଳୟ କୁମାର ନାୟକ, ବ୍ରହ୍ମଗିରି ତହସିଲଦାର ବିଦ୍ୟାଧର ଦଣ୍ଡପାଟ ପ୍ରମୁଖ ଯୋଗଦେଇଥିଲେ। ପରେ ଜିଲ୍ଲାପାଳ ଓ ଏସ୍‌ପି କୃଷ୍ଣ ପ୍ରସାଦ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିର୍ବାଚନ କାର୍ଯ୍ୟର ସମୀକ୍ଷା କରିଥିଲେ।

## ଶାଶୂ ଓ ସ୍ତ୍ରୀକୁ ଏସିଡ୍ ମାଡ଼ କରି ଜ୍ୱାଇଁ ଫେରାର୍

**ବଳଙ୍ଗା/ପିପିଲି,୧୯ ।୪ (ସମିସ):** ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ କେତକୀପାଟଣା ପଞ୍ଚାୟତ ଅନ୍ତର୍ଗତ ବଡତୋଟା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଅଘଟଣ ଘଟିଛି। ଶାଶୁ ଓ ସ୍ତ୍ରୀକୁ ଏସିଡ୍ ମାଡ କରି ଘରେ ଥିବା ଟଙ୍କା ଓ ସୁନା ଅଳଙ୍କାର ନେଇ ଜ୍ୱାଇଁ ଫେରାର ହେଇଯିବା ଘଟଣା ଆଲୋଡନ ସୃଷ୍ଟି କରିଛି। ଘଟଣା ସଂପର୍କରେ ବଳଙ୍ଗା ଥାନାରେ ଝିଅର ବାପା ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ବଡତୋଟା ଗ୍ରାମର ହୃଷିକେଶ ପ୍ରଧାନ କରିଥିବା ଅଭିଯୋଗ




ଅନୁଯାୟୀ ତାଙ୍କର ମଝିଆଁ ଝିଅ କୁନି ସାଠୁଆ (୩୮) ୨୦ ବର୍ଷ ତଳେ ଭଲପାଇ ନୟାଗଡ଼ ଇଟାମାଟି ଥାନା ଅନ୍ତର୍ଗତ ଚମ୍ପତିପୁର ଗ୍ରାମର ନବ ସାଠୁଆଙ୍କ ପୁଅ ବବିନା ସାଠୁଆଙ୍କୁ ବିବାହ କରିଥିଲେ। ବିବାହ ପରେ କୁନିର ସେଠାରେ ଚଳିବା ଅସୁବିଧା ହେବାରୁ ବାପଘର ନିକଟସ୍ଥ କେତକିପାଟଣା ବଜାରରେ ଏକ ପାର୍ଲର କରି ବାପ ଘରେ ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ଘରେ କେହି ପୁରୁଷ ଲୋକ କେହି ନଥିବା ବେଳେ ବବିନା (ଜ୍ୱାଇଁ) ଆସି କୁନିକୁ ଦୁଇ ଲକ୍ଷ ଟଙ୍କା ମାଗିଥିଲା। କିନ୍ତୁ ଏତେ ଟଙ୍କା କୋଉଠୁ ଆଣିବି ବୋଲି କୁନି କହିବାରୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। କୁନି ପ୍ରତିବାଦ କରିବାରୁ ତାକୁ ନିର୍ମମ ଭାବରେ ମାର ପିଟାପିଟି କରିଥିଲା। ପୂର୍ବ ଯୋଜନା ମୁତାବକ ବବିନା ସାଙ୍ଗରେ ଆଣିଥିବା ଏସିଡ କୁନି ଉପରକୁ ଢାଳିଦେବାରୁ କୁନି ଚିତ୍କାର କରି ଡାକ ପକାଇ ଥିଲା। କୁନିର ବୋଉ ବାସନ୍ତୀ ଦୌଡି ଯାଇ ଝିଅର ଅବସ୍ଥା ଦେଖି ପଡୋଶୀ ଲୋକଙ୍କୁ ଡାକ ପକାଇବା ସମୟରେ ବବିନା ଶାଶୁ ଉପରକୁ ଏସିଡ ପକାଇ ବେକକୁ ଚିପି ଧରି ଗଡରେଜ ଚାବି ମାଗିଥିଲା। ବାସନ୍ତୀ ଭୟଭୀତ ହୋଇ ଚାବି ଦେଇ ଦେବାରୁ ଗଡରେଜ ଚାବି ଖୋଲି ସାନ ଝିଅ ବାହାଘର ପାଇଁ ରଖିଥିବା ୨ଲକ୍ଷ ଆଠଶହ ଟଙ୍କା ଓ ୧୫ ଭରି ସୁନା ଅଳଙ୍କାର ସହିତ ଏକ ମୋବାଇଲ ଫୋନ ନେଇ ଘଟଣା ସ୍ଥଳରୁ ପଳାଇଯାଇଥିଲା। ବାସନ୍ତି ଗ୍ରାମବାସୀଙ୍କୁ ଡାକିବା ରେ ଝିଅର ଅବସ୍ଥାକୁ ଦେଖି ତୁରନ୍ତ ଭୁବନେଶ୍ୱର ୬ ନମ୍ବର ଡାକ୍ତରଖାନାକୁ ନେଇ ଚିକିତ୍ସିତ ହୋଉଛନ୍ତି। ବଳଙ୍ଗା ପୁଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି।

● ଆଜି ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ

## ଅଧ୍ୟକ୍ଷତା କରିବେ କେନ୍ଦ୍ରାଞ୍ଚଳ ଆର୍‌ଡିସି

**ପୁରୀ,୧୯।୪(ସମିସ):** ଆସନ୍ତା ଜୁଲାଇ ୭ ତାରିଖରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ପୁରୀରେ ପ୍ରଥମ ପର୍ଯ୍ୟାୟ ରଥକାଠ ପହଞ୍ଚି ସାରିଥିବା ବେଳେ କଟକ କରତକଲରେ ରଥକାଠ ଚିରଟ ହେଲାଣି। ତେବେ ଚଳିତବର୍ଷ ରଥଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଯିବ ସେ ନେଇ ଶନିବାର ଅନୁଷ୍ଠିତ ହେବ ପ୍ରଥମ ସମନ୍ୱୟ କମିଟି ବୈଠକ। ଟାଉନ ହଲ୍ ପରିସରରେ ପୂର୍ବାହ୍ନ ୧୧ଟାରେ ବସିବାକୁ ଥିବା ବୈଠକରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅଧ୍ୟକ୍ଷତା କରିବେ। ଏଥିରେ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ପୁଲିସ ମିଳିତ ଭାବେ ରଥଯାତ୍ରାକୁ ନେଇ ସେମାନଙ୍କର ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ରଖିବେ। ବିଶେଷକରି ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସମ୍ପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବ। ସେହିପରି ଗତ ରଥଯାତ୍ରାରେ କ'ଣ ତ୍ରୁଟି ରହିଥିଲା ତା' ଉପରେ ଆଲୋଚନା କରାଯାଇ ଏଥର ଯେପରି ସେଭଳି ତ୍ରୁଟିର ପୁନରାବୃତ୍ତି ନ ହେବ ସେଥିଲାଗି ଯୋଜନା ପ୍ରସ୍ତୁତ କରାଯିବ। ଏଥିରେ ସେବାୟତ, ବୁଦ୍ଧିଜୀବୀ ଉପସ୍ଥିତ ରହିବେ। ସୂଚନାଥାଉ କି, ଶୃଙ୍ଖଳିତ ରଥଯାତ୍ରା ପାଇଁ ପୂର୍ବରୁ ଦୁଇଥର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିବା ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ନଭେମ୍ବରରେ ଦୁଇଦିନିଆ ମିଡିଆ ଫେଷ୍ଟିଭାଲ୍

**ପୁରୀ,୧୯।୪(ସମିସ):** ପୁରୀଜିଲ୍ଲା ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଆସନ୍ତା ନଭେମ୍ବରରେ ପୁରୀଠାରେ ଅନୁଷ୍ଠିତ ହେବ ଦୁଇଦିନିଆ ମିଡିଆ ଫେଷ୍ଟିଭାଲ। ଶୁକ୍ରବାର ଓଡ଼ିଶା ସଙ୍ଗୀତ ପରିଷଦ ସଭାଗୃହରେ ଅନୁଷ୍ଠିତ ସଂଘର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ସାମ୍ବାଦିକ ବିଜୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସାମ୍ବାଦିକମାନେ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକମାନଙ୍କ ସୁରକ୍ଷା ଓ ପେନ୍‌ସନ ଯୋଜନା ଲାଗୁ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବା ନେଇ ଆଲୋଚନା ହୋଇଥିଲା। ଏଥିସହିତ ପର୍ଯ୍ୟଟନ କେନ୍ଦ୍ର ପୁରୀକୁ ଦେଶ ବିଦେଶରୁ ଆସୁଥିବା ସାମ୍ବାଦିକମାନଙ୍କ ମଧ୍ୟରେ ଭାବ ବିନିମୟ ସହ ସାମ୍ବାଦିକ ପେଷାର ବିଭିନ୍ନ ଦିଗ ସମ୍ପର୍କିତ ଆଲୋଚନା ପାଇଁ ମିଡିଆ ଫେଷ୍ଟିଭାଲର ଆୟୋଜନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରରେ ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ଅକ୍ଷୟ ନାୟକ, କାର୍ଯ୍ୟକାରୀ ସଭାପତି ନିମାଇଁ ଚରଣ ମହାନ୍ତି, ଉପସଭାପତି ଅଶୋକ କୁମାର ବେହେରା, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ଦାଶ, ଅଫିସ ସମ୍ପାଦକ କୃତିବାସ କାମଲା, ସହ ସମ୍ପାଦକ ମାନସ ଦାସ ଓ କୋଷାଧ୍ୟକ୍ଷ ସୁଦର୍ଶନ ଦାସ ମହାପାତ୍ରଙ୍କ ସମେତ ୧୧ ଜଣଙ୍କୁ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ସାମ୍ବାଦିକମାନେ ଯୋଗଦେଇଥିବା ବେଳେ ସାମ୍ବାଦିକ ନୃସିଂହ ଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ବନ୍ୟଜନ୍ତୁଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା ହେଉ

# ଅଭୟାରଣ୍ୟରେ ଚୁଆ ଶୁଖିଲା

**ପୁରୀ,୧୯।୪(ସମିସ):** ସମୁଦ୍ର କୂଳରେ ବାଲୁଖଣ୍ଡ ଅଭୟାରଣ୍ୟ ଏକ ସୁନ୍ଦର ସୃଷ୍ଟି। ମନୁଷ୍ୟକୃତ ଏହି ଅଭୟାରଣ୍ୟରେ ଗାଡ଼ଭାଲୁ, କୁଟୁରା, ଠେକୁଆ ଆଦି ବିଭିନ୍ନ ପ୍ରକାର ଜୀବଜନ୍ତୁ ରହୁଥିବା ବେଳେ ଏଠାକାର ପ୍ରମୁଖ ଆକର୍ଷଣ ହେଉଛନ୍ତି ଚିତ୍ରା ହରିଣ। ତେବେ ଅଭୟାରଣ୍ୟରେ ଖାଦ୍ୟ, ପାନୀୟ ଅଭାବରୁ ବନ୍ୟଜନ୍ତୁ ଜନବସତିମୁହାଁ ହୋଇ ବିପଦରେ ପଡୁଛନ୍ତି। ଜଙ୍ଗଲ ଭିତରେ ଯଦିଓ ବିଭିନ୍ନ ଗଛର ପତ୍ର ଓ ଘାସ ଖାଇ ଭୋକ ମେଣ୍ଟାଉଛନ୍ତି କିନ୍ତୁ ପାଣିର ଘୋର ଅଭାବ ରହିଛି। ଫଳରେ ବିଭିନ୍ନ ସମୟରେ ପାଣି ପାଇଁ ବାଟ ହୁଡୁଛନ୍ତି ହରିଣ। ଅନେକ ସମୟରେ ଜନବସତିମୁହାଁ ହେଉଥିବା ହରିଣ ବିପଦରେ ପଡୁଛନ୍ତି। ମୁଖ୍ୟତଃ ହରିଣଙ୍କ ପାଇଁ ଅଭୟାରଣ୍ୟ ଭିତରେ ଖୋଳାଯାଇଥିବା ଚୁଆ ଖରା ଆରମ୍ଭରୁ ଶୁଖିଲା ପଡିଛି। ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ସେଭ୍ କୋଷ୍ଟାଲ ଲାଇଫ୍‌ର ମୁଖ୍ୟ ପ୍ରକୃତିବନ୍ଧୁ ସରୋଜ କୁମାର ଜେନା। ବନ୍ୟଜନ୍ତୁଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରିବା ଲାଗି ଶୁକ୍ରବାର ଡିଏଫ୍‌ଓ ବିବେକ କୁମାରଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।



ଡିଏଫ୍‌ଓଙ୍କୁ ଦାବିପତ୍ର ଦେଲେ ସ୍ୱେଚ୍ଛାସେବୀ

ଶ୍ରୀ ଜେନା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ହରିଣଙ୍କ ପାଇଁ ଖୋଳାଯାଇଥିବା କେତେକ ଚୁଆ ଶୁଖିଲା ପଡିଛି ତ ଆଉ କେତେକରୁ ପାଣି କମି ଆବର୍ଜନା ହୋଇପଡିଛି। ବହୁ ପୋଖରୀରୁ ପାଣି କମିଯାଇଥିବା ସତ୍ତ୍ୱେ ବନପାଳମାନେ ସେହି ପୋଖାରୀରୁ ପାଣି ଉଠାଇ ଘାସ ପଡ଼ିଆରେ ଦେଉଛନ୍ତି, ଯାହାଦ୍ୱାରା ହରିଣ ପାଣି ନ ପାଇ ଗାଁମୁହାଁ ହୋଇ ବିପଦରେ ପଡୁଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖରାଦିନ ଯୋଗୁ ଜଙ୍ଗଲରେ ଅଗ୍ନିକାଣ୍ଡ ଅଧିକ ମାତ୍ରାରେ ହୋଇଥାଏ। ବାଲୁଖଣ୍ଡରେ ମଧ୍ୟ ଚଳିତ ଗ୍ରୀଷ୍ମ ଋତୁରେ ଏକାଧିକ ସ୍ଥାନରେ ନିଆଁ ଲାଗିଲାଣି। ତେବେ ବନାଗ୍ନି ବିପଦକୁ ଟାଳିବାକୁ ହେଲେ ଅଭୟାରଣ୍ୟ ଭିତରେ ପର୍ଯ୍ୟାପ୍ତ ଜଳଉତ୍ସ ରହିବା କଥା। ଫଳରେ ନିଆଁକୁ ସଙ୍ଗେ ସଙ୍ଗେ ଲିଭାଇ ଦିଆଯାଇପାରିବ। ଏହାକୁ ମଧ୍ୟ ଦୃଷ୍ଟିରେ ରଖି ଆଗୁଆ ବ୍ୟବସ୍ଥା କରାଯିବା ଦରକାର ବୋଲି ଶ୍ରୀ ଜେନା ଡିଏଫ୍‌ଓ ବିବେକ କୁମାରଙ୍କୁ ଅବଗତ କରାଇଛନ୍ତି।

ଏଦ୍‌ବ୍ୟତୀତ ଶ୍ରୀ ଜେନା ବନ୍ୟଜନ୍ତୁ ଏବଂ ଜଙ୍ଗଲର ସୁରକ୍ଷା ପାଇଁ ମଧ୍ୟ କେତେକ ଦାବି ରଖିଛନ୍ତି। ଜଙ୍ଗଲ ଭିତରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡିକରେ ଇଡିସି କର୍ମଚାରୀ ଓ ସ୍ଥାନୀୟ କମିଟି ସଦସ୍ୟଙ୍କୁ ସ୍ୱତନ୍ତ୍ର ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରଶିକ୍ଷଣ ଦିଆଯାଉ। ସାହୁ ଖଣତିଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ସମୁଦ୍ର ପଟକୁ ବଣଭୋଜି ବନ୍ଦ କରାଯାଉ। ଲୋଟସ୍ ରିସୋର୍ଟକୁ କେତେ ଅଞ୍ଚଳ ଦିଆଯାଇଛି ତାହା ନିରୀକ୍ଷଣ ସହ ସେଠାରୁ ବାହାରୁଥିବା ଅଳିଆ ଆବର୍ଜନା କେଉଁଠାରେ ପଡୁଛି ତାହା ଉପରେ ବିଶେଷ ଦୃଷ୍ଟି ଦିଆଯାଉ। ସାମୁଦ୍ରିକ କଇଁଛଙ୍କ ଅଣ୍ଡା ସଂଗ୍ରହ ବନ୍ଦ ନ କରି ଦେବୀନାସୀ ଓ କେଳୁଣୀ ମୁହାଣଠାରୁ ବେଲେଶ୍ୱର ପର୍ଯ୍ୟନ୍ତ ଆହୁରି ୧୫ ଦିନ ପୂର୍ଣ୍ଣ ମାତ୍ରାରେ ସଂଗ୍ର. ୨୦୨୩-୨୪ ଆର୍ଥିକ ବର୍ଷରେ ଲଗାଯାଇଥିବା ସମସ୍ତ ଗଛର ସ୍ଥିତି ଅନୁଧ୍ୟାନ, ସମସ୍ତ ବନପାଳଙ୍କୁ ସେମାନଙ୍କର ଜଙ୍ଗଲ ପରିଧି ମଧ୍ୟରୁ ପ୍ଲାଷ୍ଟିକ ସଫା କରିବାକୁ ଅନୁରୋଧ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଏହି ଦାବିଗୁଡ଼ିକ ପ୍ରତି ଡିଏଫ୍‌ଓ ସକରାତ୍ମକ ଆଲୋଚନା କରିଥିବା ଶ୍ରୀ ଜେନା କହିଛନ୍ତି।

## ନୀଳମାଧବ ମନ୍ଦିର ରାସ୍ତା ପ୍ରଶସ୍ତିକରଣ

# ଦୋକାନ ଗୃହ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ସମୀକ୍ଷା

ଖଣ୍ଡପଡ଼ା, ୧୯।୪(ସମିସ): ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅଧୀନସ୍ଥ କଣ୍ଟିଲୋ ଶ୍ରୀନୀଳମାଧବ କ୍ଷେତ୍ରର ବିକାଶ ନିମନ୍ତେ ରାଜ୍ୟସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ ହୋଇ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ବିଶେଷ ଭାବରେ ମନ୍ଦିରର ପଶ୍ଚିମ ଭାଗରେ ଯାତାୟତ ସୁବିଧା ନିମନ୍ତେ ନୀଳମାଧବ କଲେଜ ରାସ୍ତାଠାରୁ ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ମହାନଦୀ କୂଳ ମାଳବନ୍ଧକୁ ମିଶାଇ ଚୌଡା ରାସ୍ତା ନିର୍ମାଣ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟ ଜାରି ରହିଛି। କଣ୍ଟିଲୋ ମାଛ ବଜାର ଠାରୁ ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ବର୍ଷ ବର୍ଷ ଧରି ଅନେକ ବ୍ୟବସାୟୀ ସରକାରୀ ଜାଗା ଉପରେ ଦୋକାନ ଗୃହ ନିର୍ମାଣ କରି ବିଭିନ୍ନ ବ୍ୟବସାୟ କରୁଥିବାରୁ ରାସ୍ତା ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଏନେଇ ସମସ୍ତ ଜବରଦଖଲ କାରୀଙ୍କୁ ଉଚ୍ଛେଦ କରାଯିବା ପାଇଁ ପୂର୍ବରୁ ତହସିଲ ପ୍ରଶାସନ ପକ୍ଷରୁ ନୋଟିସ ହୋଇଥିବା ଜଣାପଡ଼ିଛି। ତେବେ ବ୍ୟବସାୟୀ ସଂଘ ପକ୍ଷରୁ ସେମାନଙ୍କ ଜୀବନଜୀବିକାର ସୁରକ୍ଷା ପାଇଁ ପ୍ରଶାସନ ନିକଟରେ ପୂର୍ବରୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଏହି ସବୁ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ଜଳ ସମ୍ପଦ ବିଭାଜନ ଅଧିକାରୀ ପ୍ରାଣବନ୍ଧୁ ବେହେରା, ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକ, ଜଳ ସମ୍ପଦ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରା, କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରି ଫେରିଥିବା ଜଣାପଡ଼ିଛି। ପୁନର୍ବାର ଜବରଦଖଲକାରୀ ନୀଳମାଧବଙ୍କ ବିକାଶରେ ପ୍ରଶାସନକୁ ସହଯୋଗର ହାତ ବଢ଼େଇବାକୁ ନୋଟିସ କରାଯିବ ବୋଲି ତହସିଲଦାର ଶ୍ରୀ ନାୟକ ସୂଚନା ପ୍ରଦାନ କରିଛନ୍ତି।

# ଚକ୍ରଧରପ୍ରସାଦ ଗ୍ରାମରେ ପଣାଯାତ୍ରା ମହୋତ୍ସବ

ଭାପୁର, ୧୯।୪(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗ୍ରାମର ଆରାଧ୍ୟ ଦେବତା ବାବା ନୀଳକଣ୍ଠେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ସାତ ଦିନ ବ୍ୟାପି ପଣାଯାତ୍ରା ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶନିବାର ମେରୁପର୍ବରେ ଶିଙ୍କୁଳି ଛିଣ୍ଡା, ରବିବାର ଅରଟିବୁଲା ଓ ଝାମୁଯାତ୍ରା ପରେ ପୌରାଣିକ ନାଟକ ଟିକା ଗୋବିନ୍ଦ ଚନ୍ଦ୍ର ମଞ୍ଚସ୍ଥ ହୋଇଥିଲା। ସୋମବାର ଦିନ ରଘୁନାଥ ବୀର ନାଟ୍ୟ ସଂସଦ ତରଫରୁ ସାମାଜିକ ନାଟକ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ମଞ୍ଚସ୍ଥ ହୋଇଥିଲା।ଅଜୟ ସିଂହଙ୍କ ଲିଖିତ ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ବ୍ରଜ କିଶୋର ସାହୁ, ମଙ୍ଗଳବାର ଦିନ ସମ୍ରାଟ କ୍ଲବ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ 'ଆଖି ଅବୁଝା କୁ ଲୁହ ଅବୁଝା'। ଦୀପକ ଜେନାଙ୍କ ଲିଖିତ ଏହି ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ମିଟୁ ସାର। ଗବୁଧବାର ଦିନ ପ୍ରଗତୀ କ୍ଲବ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ 'ଶବ ପିନ୍ଧାଇଛି ଶଙ୍ଖା ସିନ୍ଦୁର'। ନାଟ୍ୟକାର ପ୍ରଶାନ୍ତ ଷଡଙ୍ଗୀଙ୍କ ଲିଖିତ ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ପଞ୍ଚାନନ ମହାପାତ୍ର। ଗୁରୁବାର ଦିନ ଷ୍ଟୁଡେଣ୍ଟସ କ୍ଲବ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ 'ସବୁ ଉପର ବାଲାର ଖେଳ' ।ନାଟ୍ୟକାର ଇଂ ଆଶୁତୋଷ ମହାପାତ୍ରଙ୍କ ଲିଖିତ ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ବେଣୁଧର ନାଥଶର୍ମା ।ଶୁକ୍ରବାର ଦିନ ମା'ମଙ୍ଗଳା କ୍ଲବ ଦ୍ୱାରା ମଞ୍ଚସ୍ଥ ହୋଇଥିଲା'ଏ ଆଖି କାନ୍ଦୁଛି ତୋରି ପାଇଁ '। ନାଟ୍ୟକାର ଦୀପକ ଜେନାଙ୍କ ଲିଖିତ ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ସୁବାଷ ଜେନା।

## ବିଶାଳ କର୍ମୀ ସମ୍ମିଳନୀ ଓ ପ୍ରସ୍ତୁତି ବୈଠକ

# ନବୀନଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଆହ୍ୱାନ





ନୟାଗଡ଼, ୧୯।୪(ସମିସ):

ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଶୁକ୍ରବାର ବିଶାଳ କର୍ମୀ ସମ୍ମିଳନୀ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବିଜେଡି ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଇରାନୀ ରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଜିଲ୍ଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର ପ୍ରମୁଖ ଉପସ୍ଥିତ ରହିଥିଲେ। ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ନୟାଗଡ଼ ବିଧାୟକ ପ୍ରାର୍ଥୀ ଡ. ସାହୁଙ୍କ ଜୀବନ ଉପରେ ବୃତଚିତ୍ର ପ୍ରଦର୍ଶନ ହୋଇଥିଲା। ନିର୍ବାଚନକୁ ଯୁଦ୍ଧ ଭାବି ଆମେ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ଡ. ସାହୁ କହିଥିଲେ। ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆପଣମାନଙ୍କ ପାଖରେ ଶକ୍ତି ଓ ସାମର୍ଥ ଅଛି ବୋଲି କର୍ମୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଆହ୍ୱାନ ଦେଇଥିଲେ। ଏହାକୁ ଗୁରୁତ୍ୱ ଦେଇ କାମ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବିଧାୟକ ଅରୁଣ ସବୁବେଳେ କର୍ମୀଙ୍କୁ ଗୁରୁତ୍ୱ ଦେଇ ଆସିଛନ୍ତି ବୋଲି ନେତ୍ରୀ ଇରାନୀ ରାୟ କହିବା ସହ ବିଜୁ ଜନତା ଦଳ ପାଇଁ ନିଷ୍ଠାର ସହ କାମ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ମହିଳା, ଯୁବ ଓ ଛାତ୍ରମାନେ ସାମିଲ ଥିଲେ। ଚମ୍ପତିପୂର ପଞ୍ଚାୟତର ୨୫ ଜଣ ଯୁବକ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ବିରୁଡ଼ା, ବାଘେରା ଓ ମର୍ଦ୍ଦରାଜପୁର ପଞ୍ଚାୟତର ବହୁ ବିଜେପି କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସେହିଭଳି ଭାବେ ଗୁରୁବାର ରାତିରେ କୋଡ଼ିଏକହାଣିଆ ଗ୍ରାମର ବହୁ ବ୍ୟକ୍ତି ଦଳରେ ସାମିଲ ହୋଇଥିଲେ।

# ହରିଡାବାଡିରେ ପାଣିକୁ ନେଇ ଉତ୍ତେଜନା

ଦଶପଲ୍ଲା, ୧୯।୪(ସମିସ):



ଦଶପଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପାରଦ ୪୨ ଡିଗ୍ରୀ ଛୁଇଁଛି। ଏହାକୁ ବଳି ଯାଇଛି ଜଳ କଷ୍ଟ। ଶୁକ୍ରବାର ମଧ୍ୟାହ୍ନରେ ସ୍ଥାନୀୟ ୧୦ ନଂ ୱାର୍ଡ ହରିଡାବାଡି ଗ୍ରାମର ଶତାଧିକ ମହିଳା ଗରା, ବାଲଟି ଧରି ସ୍ଥାନୀୟ ପମ୍ପ ହାଉସ କାର୍ଯ୍ୟାଳୟ ଘେରଉ କରିଥିଲେ। ପାନୀୟ ଜଳ ଯୋଗାଣ ନେଇ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ କୌଣସି ଠୋସ ପଦକ୍ଷେପ ନେଇ ନଥିବା ଯୋଗୁ ସବୁ ୱାର୍ଡରେ ତୀବ୍ର ଅସନ୍ତୋଷ ଜାରୀ ରହିଛି। ଆଗାମୀ ଦିନରେ ଏହା ଉଗ୍ର ରୂପ ଧାରଣ କରିବା ସୂଚନା ମିଳି ଥିବା ବେଳେ କର୍ତ୍ତୃପକ୍ଷ ତତ୍କାଳ ସକାରାତ୍ମକ ପଦକ୍ଷେପ ଗ୍ରହଣ ନିମନ୍ତେ ଦାବି ହୋଇଛି।

## କଳାହାଣ୍ଡି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ପ୍ରଥମ ଥର ପାଇଁ ନୟାଗଡ଼ ସୁପର ଲିଗକୁ ଉନ୍ନିତ

ନୟାଗଡ଼, ୧୯।୪(ସମିସ): ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ହେବା ଦିନଠାରୁ ପ୍ରଥମ ଥର ପାଇଁ ନୟାଗଡ଼ ଜିଲ୍ଲା ଓଡ଼ିଶା କ୍ରିକେଟ ଆସୋସିଏସନ ତରଫରୁ ଆୟୋଜିତ କଳାହାଣ୍ଡି କପର ସୁପରଲିଗକୁ ଉନ୍ନିତ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲାର କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ସମ୍ମାନଜନକ କଳାହାଣ୍ଡି କପ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବା ଖେଳାଳିଙ୍କୁ ନେଇ ରାଜ୍ୟ କ୍ରିକେଟ ଦଳ ଗଠିତ ହୋଇଥାଏ। ରାଜ୍ୟର ୩୦ ଜିଲ୍ଲା ସହ ରାଜ୍ୟର ୩୮ ଦଳ କଳାହାଣ୍ଡି କପରେ ଭାଗ ନେଇଥିଲେ। ସେମାନେ ଡାଇମଣ୍ଡ, ଗୋଲ୍ଡ ଓ ସିଲଭର ଗ୍ରୁପରେ ବିଭକ୍ତ ହୋଇ ଖେଳିଥାନ୍ତି। ନୟାଗଡ଼ ଜିଲ୍ଲା ଗୋଲଡ ଗ୍ରୁପର ଟପର ହୋଇ ସିଲଭର ଗ୍ରୁପର ଟପର ସମ୍ବଲପୁର-ବି ସହ ଗୁରୁବାର ଦିନ ଖେଳିଥିଲା। କଟକ ଟାଙ୍ଗି ଡ୍ରିମସ ଖେଳପଡ଼ିଆରେ ଖେଳାଯାଇଥିବା ଏହି ଖେଳରେ ସମ୍ବଲପୁର-ବି ଦଳ ଟସ ଜିଣି ନୟାଗଡ଼କୁ ବ୍ୟାଟିଙ୍ଗ ପାଇଁ ଆମନ୍ତ୍ରଣ କରିଥିଲା। ଲିଳାଧର ପ୍ରଧାନଙ୍କ ୪୯, ରାହୁଲ ବିଶ୍ୱକର୍ମାଙ୍କ ୪୬, ଅଙ୍କିତ ଅର୍ଣ୍ଣବଙ୍କ ୪୧ ଓ ନିହାର ରଞ୍ଜନ ପଟ୍ଟନାୟକଙ୍କ ୨୬ ରନ ସହ ସିଲନ କୁମାର ନାୟକଙ୍କ ବିସ୍ଫୋରକ ୪୦ ରନ (୧୨ ବଲ) ସହାୟତାରେ ନୟାଗଡ଼ ଦଳ ନିର୍ଦ୍ଧାରିତ ୩୨ ଓଭରରେ ୬ ୱିକେଟ ହରାଇ ୨୧୬ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ସମ୍ବଲପୁର-ବି ଦଳ ମାତ୍ର ୧୨୦ ରନରେ ସମସ୍ତ ୱିକେଟ ହରାଇ ୯୬ ରନରେ ହାରି ଯାଇଥିଲା। ନୟାଗଡ଼ ଦଳ ତରଫରୁ ଦୀଲ୍ଲିପ କୁମାର ପଣ୍ଡା ୫ ୱିକେଟ, ଆଶୁତୋଷ ଛୁରିଆ ୩ ୱିକେଟ ଓ ସାଇ ପ୍ରସାଦ ଆଚାର୍ଯ୍ୟ ୨ ୱିକେଟ ବାଣ୍ଟି ନେଇଥିଲେ। ଦଳର ଏପରି ସଫଳତା ଯୋଗୁଁ କୋଚ ସତ୍ୟଜିତ ମହାନ୍ତି ଓ ଜିଲ୍ଲା ସମ୍ପାଦକ ସତ୍ପଗ୍ରାମ ଗୁମାନସିଂହଙ୍କୁ ସବୁ ମହଲରୁ ପ୍ରସଂସାର ଛୁଅ ଛୁଟିଛି।



## ସରପଞ୍ଚ ସ୍ୱାମୀଙ୍କ ଦୁଷ୍କର୍ମ ଅଭିଯୋଗ ଘଟଣା

# ସରପଞ୍ଚଙ୍କ ଅଭିଯୋଗରେ ମାମଲା ରୁଜୁ




ଥାନା ଆଗରେ ବିଜେପି ପକ୍ଷରୁ ବିକ୍ଷୋଭ




ଓଡଗାଁ, ୧୯।୪(ସମିସ):

ନୟାଗଡ଼ ଜିଲ୍ଲା ଓଡଗାଁ ଆଦର୍ଶ ଥାନା ସମ୍ମୁଖରେ ଶୁକ୍ରବାର ବିଜେପି ହାଇଡ୍ରାମା ଦେଖିବାକୁ ମିଳିଥିବା ବେଳେ ବିଜେଡି ଏହାକୁ ପ୍ରତିବାଦ କରିଛି। ଗିରିଡିପଲ୍ଲୀ ସରପଞ୍ଚ ସ୍ୱାମୀଙ୍କ ନାଁରେ ମାମଲା ନେଇ ରାଜନିତୀ ଜୋରଧରିଛି । ବିଜେଡି କାଉଣ୍ଟର କରିବା ପରେ ପୁଲିସ ସରପଞ୍ଚଙ୍କ ଏତଲା ଅନୁସାରେ ମାମଲା ରୁଜୁ କରିଛି। ଦିନ ତମାମ ଥାନା ସାମ୍ନା ନିର୍ବାଚନ ରଣକ୍ଷେତ୍ର ପାଲଟିଛି। ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ ଗିରିଡିପଲ୍ଲୀ ସରପଞ୍ଚ ସ୍ୱାମୀଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଘଟଣାରେ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ଦାବିରେ ବିଜେପି ଦଳ ତରଫରୁ ଶୁକ୍ରବାର ପୂର୍ବାହ୍ନ ୧୧ ବେଳେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନୟାଗଡ଼ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ନେତୃତ୍ୱରେ ବିଜେପି କର୍ମୀମାନେ ଥାନା ଫାଟକ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗିରିଡିପଲ୍ଲୀ ସରପଞ୍ଚଙ୍କ ସ୍ୱାମୀ ସନ୍ୟାସୀ ପ୍ରଧାନ ଏବଂ ବିଧାୟକ ଡଃ. ଅରୁଣ କୁମାର ସାହୁଙ୍କ କୁଶପୁତ୍ତଳିକା ରାଜରାସ୍ତାରେ ଦାହ କରିଥିଲେ। ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଧରି ନୟାଗଡ଼-ଭଞ୍ଜନଗର ରାଜ୍ୟ ରାଜପଥରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଏଭଳିକି ପୁଲିସ ଏବଂ ବିଜେପି ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଶରଣକୁଳ ଏସଡିପିଓ ସୁଧାକର ସାହୁ ପହଁଞ୍ଚିବା ପରେ ବିଜେପି ନେତୃବର୍ଗଙ୍କ ସହିତ ଆଲୋଚନା କରିଥିଲେ। ଘଟଣା ସମ୍ପର୍କରେ ମାମଲା ରୁଜୁ ହୋଇଛି। ପିଡିତାଙ୍କ ଡାକ୍ତରୀ ମାଇନା ପରେ ତାଙ୍କର ବୟାନ ରେକର୍ଡ କରାଯାଇଛି। ବୈଜ୍ଞାନିକ ପଦ୍ଧତିରେ ତଦନ୍ତ ପ୍ରକ୍ରିୟା ଚାଲିଥିବାରୁ ଅଭିଯୁକ୍ତ ବିରୁଦ୍ଧରେ ଉପଯୁକ୍ତ ପ୍ରମାଣ ମିଳିଲେ ତାକୁ ନିଶ୍ଚୟ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ବିଜେପି ନେତା ଓ କର୍ମୀ ବିକ୍ଷୋଭ ଓହରି ଥିଲେ। ଏହି ଘଟଣା ପରେ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେସ୍ୱରୀ ସିଂ ସନ୍ୟାସୀ ପ୍ରଧାନଙ୍କ ନାମରେ ହୋଇଥିବା ମିଥ୍ୟା ମାମଲାକୁ ସମର୍ଥନ କରୁଥିବାରୁ ବିଜେଡ଼ି ସମର୍ଥକମାନେ ଥାନା ସମ୍ମୁଖରେ ତାଙ୍କ କୁଶପୁତ୍ତଳିକାକୁ ଦାହ କରିଥିଲେ। ଅନ୍ୟପକ୍ଷେ, ଗିରିଡିପଲ୍ଲୀ ସରପଞ୍ଚ ମିନତୀ କୁମାରୀ ପ୍ରଧାନଙ୍କ ଥାନାରେ କରିଥିବା ଅନ୍ୟ ଏକ ଲିଖିତ ଅଭିଯୋଗ ଅନୁସାରେ ତୁରନ୍ତ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ବିଜେଡ଼ି ଦଳର ଦାବି ଅନୁସାରେ ଓଡ଼ଗାଁ ପୁଲିସ ୧୨୬/୨୪ ରେ ମାମଲା ରୁଜୁ କରିଥିଲେ। ମିନତୀଙ୍କ ଅଭିଯୋଗ ଅନୁସାରେ ଗିରିଡିପଲ୍ଲୀ ପାଣ୍ଡୁ ବେହେରା ଓ ନାରାୟଣ ଗୌଡ ଓଡ଼ଗାଁରେ ରହୁଥିବା ମିନତିଙ୍କ ଘରକୁ ଯାଇ ବେଆଇନ୍ ଭାବେ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିଲେ। ତୁମ ସ୍ୱାମୀ ସନ୍ୟାସୀ ପ୍ରଧାନଙ୍କୁ ମିଛ ମାମଲାରେ ଯେଭଳି ଫସାଇଛୁ ସେଭଳି ସମ୍ପୂର୍ଣ୍ଣ ପରିବାରକୁ ମଧ୍ୟ ଫସାଇଦେବୁ ବୋଲି ଚେତାବନୀ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଉକ୍ତ ମାମଲା ପୁଲିସ ରୁଜୁ କରିବା ପରେ ଧାରଣାରେ ବସିଥିବା ବିଜେଡ଼ି ସମର୍ଥକମାନେ ଓହରି ଯାଇଥିଲେ। ଘଟଣାକୁ ନେଇ ଛକାପଞ୍ଝା ଲାଗି ରହିଥିବା ବେଳେ ଆଗକୁ କେଉଁ ରୂପ ହେଉଛି ଦେଖିବାକୁ ବାକି ରହିଲା।

## ରାଜନୀତି ରୁଟି ସେକୁଛି ବିଜେପି

ଓଡଗାଁ, ୧୯।୪(ସମିସ): ନୟାଗଡ଼ ଜିଲ୍ଲା ସଦରଥାନା ଅନ୍ତର୍ଗତ ପରୀ ହତ୍ୟା ଘଟଣାକୁ ନେଇ ବିଜେପି କରିଥିବା ରାଜନୀତିକୁ ଅନୁକରଣ କରି ଓଡଗାଁ ବ୍ଲକ ଗିରିଡିପଲ୍ଲୀ ସରପଞ୍ଚ ସ୍ୱାମୀଙ୍କ ନାଁରେ ହୋଇଥିବା ମାମଲାକୁ ନେଇ ବିଜେପି ରାଜନୀତି ଆରମ୍ଭ କରିଛି। ନିର୍ବାଚନ ଉପରେ ଏହାର ପ୍ରଭାବ ସୃଷ୍ଟି କରିବା ପାଇଁ ବିଜେପି କୁତ୍ସିତ ରାଜନୀତି କରୁଥିବା ଅନେକ ବିଜେଡି ନେତା ଅଭିଯୋଗ କରିଛନ୍ତି। ନୟାଗଡ଼ରେ ବିରୋଧି ବିଜେପି ଦିନକୁ ଦିନ ଶ୍ରୀହିନ ହୋଇପଡୁଥିବା ବେଳେ ବିଜେପି ନୂଆ ଚକ୍ରାନ୍ତ ଆରମ୍ଭ କରିଛି। ନୟାଗଡ଼ ବିକାଶ ଓ ଉନ୍ନତୀ ପଥରେ ଆଗେଇ ଚାଲିଥିବା ବେଳେ ବିଜେଡି ପ୍ରତି ଜନସମର୍ଥନ ବୃଦ୍ଧି ପାଉଛି। ବିଜେପି ନେତ୍ରୀ ଇରାନୀ ରାୟ ବିଜେଡିରେ ଯୋଗ ଦେବା ପରେ ବିଜେପି ବଳ ଭାଙ୍ଗୁଛି। ବିଜେପି ପାଖରେ କୌଣସି ଇସ୍ୟୁ ନଥିବା ବେଳେ ଏଭଳି ପ୍ରାୟୋଜିତ ନାଟକ ରଚନା କରି ବିଜେପି ଜନସାଧାରଣଙ୍କ ନିକଟତର ହେବାର ଚେଷ୍ଟା କରୁଥିବା ବିଜେଡି ନେତା ଓ କର୍ମୀ ଅଭିଯୋଗ କରିଛନ୍ତି। ପରୀ ହତ୍ୟା ଘଟଣାକୁ ନାଟକୀୟ ମୋଡ ଦେଇଥିବା ବ୍ୟକ୍ତିତ୍ୱମାନେ ହିଁ ଓଡଗାଁରେ ହିଂସା ଓ ବିଦ୍ୱେଶ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଆଲୋଚନା ହେଉଛି।

# ଶିକ୍ଷା ବିଭାଗ ଶିକ୍ଷାର୍ଥୀଙ୍କ ବିଦାୟକାଳୀନ ଉତ୍ସବ

ଓଡ଼ଗାଁ, ୧୯ ।୪(ସମିସ): ରଘୁନାଥ ସମବାୟ ମହା ବିଦ୍ୟାଳୟ ଓଡ଼ଗାଁ ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର +୩ ଶିକ୍ଷାର୍ଥୀଙ୍କ ବିଦାୟକାଳୀନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଭାର ପ୍ରାପ୍ତ ଅଧ୍ୟକ୍ଷ ସମ୍ବିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ତହସିଲ ଦାର ଡ.ମାନସ ରଞ୍ଜନ ଭୋଇ ଯୋଗଦେଇ କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଛାତ୍ରଛାତ୍ରୀମାନେ କିପରି ସେମାନଙ୍କ ଭବିଷ୍ୟତ ଗଢି ପାରିବେ ବୁଝାଇଥିଲେ ।ସ୍ଥାନୀୟ ସାମ୍ବାଦିକ ସଂଘର ସଭାପତି ଅଶୋକ କୁମାର ମହାପାତ୍ର ଯୋଗଦେଇ ଯେଉଁ ସ୍ୱପ୍ନ ବାସ୍ତବରେ ପରିଣତ ହୋଇ ପାରିବ ସେଭଳି ସ୍ୱପ୍ନ ଦେଖ ବୋଲି କହିଥିଲେ ।ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ୭୦ ଜଣ ଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଦୀପ୍ତ କୁମାର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ରଖିବା ସହିତ ଭବିଷ୍ୟତ ଜୀବନ ପାଇଁ ପିଲାମାନଙ୍କୁ ଉପାଦେୟ ମାର୍ଗ ଦର୍ଶନ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ଶୁଭସ୍ମିତା, ଅଧ୍ୟାପକ ମନୋଜ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମ୍ବାଦିକ ସାରସ କୁମାର ମିଶ୍ର, ଗଣେଶ୍ୱର ସାହୁ ଓ ସୁନିଲ ପଟ୍ଟନାୟକ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ୍ କରିଥିଲେ।

# ପଦୋନ୍ନତି ପରେ ବି ଗୋଟିଏ ବନାଞ୍ଚଳରେ ୧୪ ବର୍ଷ

ନୟାଗଡ଼, ୧୯।୪(ସମିସ): ନୟାଗଡ଼ ବନଖଣ୍ଡ ଅଧିନ ଗଣିଆ ବନାଞ୍ଚଳରେ ଜଣେ ବନ କର୍ମଚାରୀଙ୍କ ଚାକିରି ସମୟ ୧୪ ବର୍ଷ ବିତିଗଲାଣି। ସରକାରଙ୍କ ନିୟମାନୁଯାୟୀ ଜଣେ ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ ୩ ବର୍ଷ କାର୍ଯ୍ୟ କରିବା ପରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥାଏ। ଗଣିଆ ବନାଞ୍ଚଳରେ ନିଜର ଚାକିରି ଆରମ୍ଭରୁ ବନରକ୍ଷୀ ଭାବେ ଯୋଗ ଦେଇଥିବା ସନ୍ତୋଷ କୁମାର ପ୍ରଧାନ ନାମକ ଜଣେ କର୍ମଚାରୀ ଏହି ବନାଞ୍ଚଳରେ ୧୪ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ଏପରିକି ଗତ ବର୍ଷ ବନପାଳ ଭାବେ ପଦୋନ୍ନତି ପାଇଥିଲେ ମଧ୍ୟ ତାଙ୍କର ଅନ୍ୟତ୍ର ବଦଳି ହୋଇନାହିଁ। ବିଭାଗୀୟଅଧିକାରୀ ଏହି କର୍ମଚାରୀଙ୍କ ବଦଳି ଜାଣିଶୁଣି ନକରିବାର କାରଣ କଣ ହୋଇଥାଇପାରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସଷ୍ଟି ହୋଇଛି। ଗଣିଆ ବନାଞ୍ଚଳର ବିଭିନ୍ନ ବିଟ ଅଞ୍ଚଳରେ ଗତ ୧୪ ବର୍ଷ ଧରି ସେ ବନରକ୍ଷୀ ଓ ବନପାଳ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ସମାଲୋଚନା ବିଷୟବସ୍ତୁ ପାଲଟିଛି।

● ମନକୁ ମନ ଫାଟିଯାଉଛି କଂକ୍ରିଟ ରାସ୍ତା

# ଆତଙ୍କିତ ଜନସାଧାରଣ

ଓଡ଼ଗାଁ, ୧୯ ।୪(ସମିସ): ଓଡ଼ଗାଁ ଥାନା ବାଉଁଶଗାଡିଆ ଠାରୁ ଶରଧାପୁର ରାସ୍ତା ଦେଇ ଦରପଦା ବାହାରିଥିବା ମୁଖ୍ୟମନ୍ତ୍ରୀ ସଡ଼କ କଂକ୍ରିଟ ରାସ୍ତା ମନକୁ ମନ ଫାଟି ଉପରକୁ ଉଠି ଯାଉଥିବା ଦେଖିବାକୁ ମିଳିଛି। ଏହାଦେଖି ଜନସାଧାରଣ ଆତଙ୍କିତ ହେବା ସହ ଘର ଭିତରକୁ ଧାଇଁ ଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ଶରଧାପୁର ନିକଟସ୍ଥ ବାମୁଣ୍ଡି ଗାଁ କଂକ୍ରିଟ ରାସ୍ତା ଫାଟି ଯାଇଥିଲା। ଦୁଇ କି ତିନି ମିଟର ନୁହଁ ପାଖାପାଖି ଆଠରୁ ଦଶ ମିଟର ଫାଟି ଦୁଇ ଫୁଟ ଉପରକୁ ଉଠିଥିଲା। ଏହି ସମୟରେ ଏକ ଶବ୍ଦ ସୃଷ୍ଟି ହୋଇଥିଲା। ଏହା ଗ୍ରାମବାସୀମାନେ ଶୁଣିବାକୁ ପାଇଥିଲେ। ଲୋକମାନେ ଘଟଣା ସ୍ଥଳରେ ପହଞ୍ଚି ଦେଖି ଆତଙ୍କିତ ହୋଇ ଘରକୁ ଧାଇଁ ଥିଲେ। ତେବେ ପ୍ରଚଣ୍ଡ ଖରା ଯୋଗୁଁ ଏପରି ରାସ୍ତା ଫାଟିଥିବା ସାଧାରଣରେ ଆଲୋଚନା ହେଉଛି।



# ସାଧାରଣ ନିର୍ବାଚନ ଲାଗି ବିଭିନ୍ନ ସ୍ଥାନରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ଖୋର୍ଦ୍ଧା, ୧୯।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହିତ ଶେଷ କରିବା ପାଇଁ ଶିକ୍ସାଞ୍ଚଳ ଥାନା ଓ ସଦରଥାନା ଅଞ୍ଚଳରେ ପୁଲିସ ଶୁକ୍ରବାର ଫ୍ଲାଗମାର୍ଚ୍ଚ କରିଛି। ଶିକ୍ସାଞ୍ଚଳ ଥାନା ପୁଲିସ ଓ ସୀମା ସୁରକ୍ଷା ବାହିନୀ ପକ୍ଷରୁ ମିଳିତ ଭାବେ ସହରର ମୁକୁନ୍ଦପ୍ରସାଦ, ପୋଡାସାହି ଅଞ୍ଚଳ ସମେତ ସହର ଉପକଣ୍ଠର ମୁକ୍ତାପୁର, ହଳଦିଆ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି।

ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ନେତୃତ୍ୱରେ ଥାନା ନିକଟରୁ ଏସଆଇ ବାସୁଦେବ ଜୟସିଂଙ୍କ ସମେତ ଥାନା କର୍ମଚାରୀ ଓ ସୁରକ୍ଷା ବାହିନୀ କର୍ମୀ ମିଳିତ ଭାବେ ଫ୍ଲାଗମାର୍ଚ୍ଚ ଆରମ୍ଭ କରଥିଲେ। ସେହିପରି ସନ୍ଧ୍ୟାରେ ସଦରଥାନା ପୁଲିସ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଥାନା କର୍ମଚାରୀ ଓ ସୁରକ୍ଷା ବାହିନୀ କର୍ମୀ ବାଜପୁର ଓ ନନ୍ଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଛନ୍ତି। ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନ ଆସନ୍ତା ମେ ୨୫ରେ ସୁରୁଖୁରୁରେ ଯେପରି ନିର୍ବାଚନ ହୋଇପାରିବ ଏବଂ ସାଧାରଣ ଜନତା ନିଜ ନିଜର ମତଦାନ ବିନା କୌଣସି ବାଧାବିଘ୍ନରେ କରିବେ ସେ ନେଇ ପୁଲିସ ପକ୍ଷରୁ ନଜର ରଖାଯାଇଛି। ଶୃଙ୍ଖଳିତ ନିର୍ବାଚନ ଲାଗି ଲୋକଙ୍କୁ ସଚେତନ ଉଦ୍ଦେଶ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି ବୋଲି ପୁଲିସ କହିଛି।

## ରୋକାଯାଇପାରୁନି ଅଗ୍ନିକାଣ୍ଡ; ଅସାବଧାନତାରୁ ଘଟୁଛି ଅଘଟଣ

# ଆଇନ ବ୍ୟବସ୍ଥା ରହିଛି; ଉଲ୍ଲଙ୍ଘନ କଲେ କାର୍ଯ୍ୟାନୁଷ୍ଠାନ ଶୂନ

**ଖୋର୍ଦ୍ଧା, ୧୯।୪(ସମିସ)**

ଧିରେ ଧିରେ ଚାଳଘର ସଂଖ୍ୟା କମିବାରେ ଲାଗିଛି କିନ୍ତୁ ଅଗ୍ନିକାଣ୍ଡ ଥମିବାର ନାଁ ଧରୁନି। ଅସାବଧାନତା କାରଣରୁ ଛାତ ଓ ଆଜବେଷ୍ଟସ ଘରେ ବି ନିଆଁ ଲାଗୁଛି। ଗୋଟିଏ ପରେ ଗୋଟିଏ ଅଗ୍ନିକାଣ୍ଡ ଜନିତ ବିପର୍ଯ୍ୟୟ ବୃଦ୍ଧି ପାଉଛି। ଅଗ୍ନିକାଣ୍ଡରେ ପ୍ରତିବର୍ଷ ୨୦ରୁ ୪୦ପ୍ରତିଶତ ସମ୍ପତି ନଷ୍ଟ ହେଉଥିବା ବେଳେ ଜୀବନହାନି ମଧ୍ୟ ଘଟୁଛି। ଅଗ୍ନିକାଣ୍ଡ ଜନିତ ବିପର୍ଯ୍ୟୟର ମୁକାବିଲା ତଥା ଅଗ୍ନି ନିରାକରଣ ପାଇଁ ଓଡ଼ିଶା ଅଗ୍ନିଶମ ସଂସ୍ଥା କାର୍ଯ୍ୟକରୁଛି। ମାତ୍ର ଅତ୍ୟାଧୁନିକ ଯନ୍ତ୍ରପାତି ଓ କେତେକ କ୍ଷେତ୍ରରେ ତାଲିମ ଅଭାବ ଯୋଗୁ ଏହି ସଂସ୍ଥା ବଡଧରଣର ଅଗ୍ନିକାଣ୍ଡ ଘଟିଲେ ଉପାୟଶୂନ୍ୟ ହେଉଥିବା ଅଭିଯୋଗ ହେଉଛି। ରାଜ୍ୟରେ ୧୯୪୪ ମସିହା ଠାରୁ ଏପ୍ରିଲ ୧୪କୁ ଅଗ୍ନିସମ ସେବା ଦିବସ ଏବଂ ଅଗ୍ନି ନିରାପଦା ସପ୍ତାହ ଏପ୍ରିଲ ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏଥିରେ ଜନସାଧାରଣ ଅଗ୍ନିକାଣ୍ଡରେ ଧନ ଜୀବନ ସୁରକ୍ଷା ସମେତ ବିଭିନ୍ନ ଉପାୟ ଅବଲମ୍ବନ ଉପରେ ଜନସଚେତନତା କରାଯାଇଛି।କିନ୍ତୁ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା କମିବା ପରିବର୍ତେ ବୃଦ୍ଧି ପାଇବାରେ ଲାଗିଛି।ଏପରିକି ଅଗ୍ନିଶମ ସେବା ଦିବସ ଏବଂ ଅଗ୍ନିସେବା ସପ୍ତାହ ଭାବେ ପାଳନ କେବଳ ବିଭାଗର ୪କାନ୍ଥ ଭିତରେ ସିମିତ ରହୁଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ଅଗ୍ନିଶମ ବିଭାଗ ପକ୍ଷରୁ ଏ ସପ୍ତାହ କେବେ ପାଳନ କରାଗଲା ତାହା ମଧ୍ୟ ଜଣାପଡୁନି। ଅଗ୍ନି ନିରାକରଣ ସମ୍ପର୍କରେ ତୃଣମୂଳସ୍ତରରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉନାହିଁ। ଜିଲ୍ଲାସ୍ତରରେ କେବଳ ସହର ପରିକ୍ରମାକୁ ଛାଡିଦେଲେ ଅନ୍ୟ କିଛି ସଚେତନତା କାର୍ଯ୍ୟକ୍ରମ କରାଯାଉନି। ଏପରିକି ଅଗ୍ନି ନିରାପଦା ନେଇ ୨୦୦୫ ମସିହାରେ ଏନ୍‌ବିଏସ୍ ଆଇନ ଭାରତ ସରକାର ପ୍ରଣୟନ କରିଥିବା ବେଳେ ୧୯୯୨ ମସିହାରେ ରାଜ୍ୟ ସରକାର ଅଗ୍ନି ନିରୋଧକ ଆଇନ ପ୍ରଣୟନ କରିଛନ୍ତି।ମାତ୍ର ସଚେତନତା ଅଭାବ ଏବଂ ଆଇନକୁ ଅଣଦେଖା କରିବା ଘଟଣା ଅଗ୍ନିଶମ ବିଭାଗ ଚିନ୍ତା ବଢ଼ାଇ ଦେଇଛି। ଫଳରେ ସଚେତନତା ଓ ସତର୍କତା ଅଭାବରୁ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ଘଟୁଛି।



ସୂଚନାଯୋଗ୍ୟ, ଭାରତ ସରକାରଙ୍କ ଏନ.ବିଏସ୍ ୨୦୦୫ ଆକ୍ଟ ଅନୁଯାୟୀ ଉଚ୍ଚ ଅଟାଳିକା, ସ୍ୱାସ୍ଥ୍ୟକେନ୍ଦ୍ର, କେତେକ ବେସରକାରୀ ଶିକ୍ଷାନୁଷ୍ଠାନ, ଶିଳ୍ପସଂସ୍ଥା ସମେତ ପ୍ରତି ନିର୍ମାଣଧିନ କାମ ସମୟରେ ଅଗ୍ନି ନିରାପଦା ଉପରେ ଗୁରୁତ୍ୱଦେବାର ବ୍ୟବସ୍ଥା ରହିଛି।ଜନସାଧାରଣଙ୍କ ସମାଗମ ଏବଂ ସଭାସମିତି ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଗ୍ନିନିରାପଦା ଉପରେ ଗୁରୁତ୍ୱ ଦେବାର ବ୍ୟବସ୍ଥା ରହିଛି। ଏଥିସହିତ ରାଜ୍ୟ ସରକାର୧୯୯୨ମସିହାରେ ଅଗ୍ନି ନିରାପଦା ଆଇନ ପ୍ରଣୟନ କରିଛନ୍ତି। ମାତ୍ର ଏହି ଆଇନରେ ଉଲଂଘନ କରୁଥିବା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ବିଧି ବ୍ୟବସ୍ଥା ନ ଥିବା ଫଳରେ ଆଇନ ତା' ବାଟରେ କାମ କରୁଛି। ଗୋଟିଏ ପରେ ଗୋଟିଏ ଅଗ୍ନି ଦୁର୍ଘଟଣା ହେଉଥିବା ବେଳେ ଆଇନକୁ ଉଲ୍ଲଘନ କରାଯାଇ ଛତୁ ଫୁଟିବା ପରେ ଅଟାଳିକାମାନ ବଢ଼ିବାରେ ଲାଗିଛି। ସହରରେ ଗଢି ଉଠୁଥିବା ଦୋକାନଘର, ବଡ ଅଟାଳିକା ପ୍ରଭୃତି ମଧ୍ୟରୁ ପ୍ରାୟ ୩୦ଭାଗ କୋଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବା ଅଭିଯୋଗ ହେଉଛି। ଅଘଟଣ ଘଟିଲେ ବିଭାଗ କେବଳ ତଦନ୍ତ ଆଳ ଦେଖାଉଥିବାବେଳେ କାର୍ଯ୍ୟାନୁଷ୍ଠାନ ନେବାକୁ କୁଣ୍ଠାବୋଧ କରୁଥିବା ଜଣାଯାଇଛି।

ସେହିପରି ଅସୁରକ୍ଷିତଭାବେ ବିଦ୍ୟୁତ୍ ସଂଯୋଗ ନେବା, ଅସୁରକ୍ଷିତ ଭାବେ ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ବ୍ୟବହାର କରିବା ଓ ବିଭିନ୍ନ ସମୟରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ମଧ୍ୟ ଘଟୁଛି। କିଛି ସ୍ଥାନରେ ପୂର୍ବ ଶତ୍ରୁତାକାରଣରୁ ନିଆଁ ମଧ୍ୟ ଲଗାଇ ଦିଆଯାଉଛି। ଅନ୍ୟପକ୍ଷେ ଅଗ୍ନିଶମ ସେବାକେନ୍ଦ୍ର ନିକଟରୁ କେତେକ ଗାଁ ଦୂର ହୋଇଥିବାରୁ ଖବର ପାଇ ଅଗ୍ନିଶମ ସବା ଗାଡି ପହଁଞ୍ଚିବା ବେଳକୁ ଧନ ସମ୍ପତି ପ୍ରଭୃତି ପୋଡି ପାଉଁଶ ହୋଇଯାଉଛି। ଗାଁ ଗହଳୀରେ ଯଦିଓ ଚାଳଘର ସଂଖ୍ୟା କମିଛି, ତଥାପି ଅସାବଧାନତା ଯୋଗୁ ଅଗ୍ନିକାଣ୍ଡ ଘଟିବାରେ ଲାଗିଛି।ଏପରିକି ବିଭିନ୍ନ କାରଣରୁ ପ୍ରତିବର୍ଷ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ବଢ଼ିଚାଲିଛି।

ଖୋର୍ଦ୍ଧା ଅଗ୍ନିଶ୍ରମ ବିଭାଗ ତଥ୍ୟ ଅନୁଯାୟୀ ଗତ ୨୦୦୧ମସିହା ଠାରୁ ୨୦୨୩ ପର୍ଯ୍ୟନ୍ତ ପ୍ରାୟ ୧୨ ଜଣଙ୍କ ଜୀବନ ଯାଇଥିବା ବେଳେ ପ୍ରାୟ ୧୪୬ଟି ଗାଇଗୋରୁ, ଛେଳି ମେଣ୍ଢା ଆଦି ଗୃହପାଳିତ ପଶୁଙ୍କ ଜବୀନ ଅଗ୍ନିକାଣ୍ଡରେ ଯାଇଛି। ବିଗତ ୨୩ବର୍ଷ ମଧ୍ୟରେ ଅଗ୍ନିଶମବିଭାଗ ୨ହଜାର ୬ଶହରୁ ଉର୍ଦ୍ଧ୍ୱ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାସ୍ଥଳକୁ ଯାଇଥିବା ବେଳେ ପ୍ରାୟ ୨୭କୋଟି ଟଙ୍କାର ସମ୍ପତି ନଷ୍ଟ ହେବାରୁ ବଞ୍ଚାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ପ୍ରାୟ ୧୦କୋଟି ଟଙ୍କାର ସମ୍ପତି ନିଆଁ ଝାସରେ ପୋଡି ପାଉଁ ହୋଇଥିବା ବିଭାଗୀୟ ତଥ୍ୟ କହୁଛି। ପ୍ରାୟ ୧୫ କୋଟି ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଥିବା ଅଗ୍ନିଶମ ବିଭାଗ ତଥ୍ୟ କହୁଛି। ତେବେ ଅଗ୍ନିଶମ ପରିସଂଖ୍ୟାନକୁ ଦେଖିଲେ ଗତ ୨୩ବର୍ଷ ଭିତରେ ଦୁର୍ଘଟଣା ସଂଖ୍ୟା ବଢୁଛି। ଲୋକଙ୍କ ମଧ୍ୟରେ ସଚେତନତା କରାଯାଇପାରିଲେ ଦୁର୍ଘଟଣାରେ ରୋକ ଲାଗି ପାରନ୍ତା ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

# କାଜୁ ତୋଳିବାକୁ ନେଇ ଗଣ୍ଡଗୋଳ; ଦୁଇ ଗିରଫ

**ନିରାକାରପୁର, ୧୯।୪(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ଶଗଡ଼ଭଙ୍ଗା ପଞ୍ଚାୟତ ଗୋଡିକିଲୋ ଗ୍ରାମରେ କାଜୁ ତୋଳକୁ ନେଇ ଗୁରୁବାର ଘଟିଥିବା ମାର୍‌ପିଟ ଘଟଣାରେ ଶୁକ୍ରବାର ଜଂକିଆ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଙ୍କିଆ ଥାନା ଆଇଆଇସି ପ୍ରଜ୍ଞା ରିତମ୍ଭରା କର ଜଣାଇଛନ୍ତି। ସୂଚନାଯୋଗ୍ୟ କି କାଜୁ ତୋଳିବାକୁ କେନ୍ଦ୍ର କରି ଗୋଦିକିଲୋ ଗ୍ରାମର ଅନ୍ନପୂର୍ଣ୍ଣା ମଙ୍ଗରାଜ ପରିବାର ଓ ନିରୁପମା ପରିଡ଼ାଙ୍କ ପରିବାର ମଧ୍ୟରେ ବୁଧବାର ରାତି ୧୨ ଟା ବେଳେ ବିଭିନ୍ନ ମାରଣାସ୍ତ୍ର ଧରି ମାର୍‌ପିଟ ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷର ୪ ଜଣ ଆହତ ହୋଇଥିଲେ। ଏନେଇ ଜଂକିଆ ଥାନାରେ ଉଭୟଙ୍କ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ଗୋଟିଏ ପକ୍ଷର ଜଣେ ନାବାଳକ ସମେତ ସୁରେନ୍ଦ୍ର ପରିଡ଼ା(୪୨)ଙ୍କୁ ପୋଲିସ ଗିରଫ କରି କେସ ନଂ ୧୪୨/୨୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# କମାଗୁରୁ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ



**ନିରାକାରପୁର, ୧୯।୪(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କମାଗୁରୁ ପଞ୍ଚାୟତରେ ପଞ୍ଚାୟତ ତରଫରୁ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ ର ଶୁଭାରମ୍ଭ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ କୂଅ ଓ ପୋଖରୀ ସୁଖିବାକୁ ଲାଗିଲାଣି। ବିଶୁଦ୍ଧ ପାନୀୟଜଳ ଲୋକ ନପାଇ ଡହଳବିକଳ ହେଉଥିବା ବେଳେ ପଞ୍ଚାୟତ ତରଫରୁ ଟ୍ୟାଙ୍କର ମାଧ୍ୟମରେ ଭ୍ରାମ୍ୟମାଣ ପାନୀୟ ଜଳ ଯୋଗାଣକୁ ସରପଞ୍ଚ ସୁନୀତା ଚମ୍ପତି ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଆଶୁତୋଷ ମହାପାତ୍ର, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ଦାମ୍ବଳ ଓ ୱାର୍ଡ ମେମ୍ବର, ପଞ୍ଚାୟତ କର୍ମଚାରୀମାନେ ଥିଲେ।

## ଚିଲିକା ଜେଟିରୁ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ

# ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ





**ବାଲୁଗାଁ, ୧୯।୪ (ସମିସ) :** ଚିଲିକା ତହସିଲର ସୋରଣ ପଞ୍ଚୟତ ଅନ୍ତର୍ଗତ ମାନସିଂହପୁର ଗ୍ରାମ ନିକଟସ୍ଥ ଚିଲିକା କୁଳ ଘୋଡାଦୌଡ଼ ପେଣ୍ଠ ଜେଟିରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ମତ୍ସ୍ୟଜୀବୀ ମତ୍ସ୍ୟ ବ୍ୟବସାୟ ଓ ଡ଼ଙ୍ଗା ଚଳାଚଳ କରି ଜୀବନ ଜୀବିକା ନିର୍ବାହ କରିଥାନ୍ତି। କିନ୍ତୁ କିଛି ମୁଷ୍ଟିମେୟ ଲୋକ ଓ ଅସାମାଜିକ ବ୍ୟକ୍ତି ଚିଲିକା ଜେଟି ସ୍ଥାନକୁ ଜବରଦଖଲ କରି ଗୃହ ଓ କେବିନ ନିର୍ମାଣ କରି ସେଠାରେ ଦୋକାନ ବଜାର ଖୋଲି ମଦ ବ୍ୟବସାୟ ଓ ଅସାମାଜିକ କାର୍ଯ୍ୟକରୁ ଥିବା ଯୋଗୁଁ ସ୍ଥାନୀୟ ମତ୍ସ୍ୟଜୀବୀ ସେଠାରେ ମତ୍ସ୍ୟ ବ୍ୟବସାୟ କରିବା ଓ ଡଙ୍ଗା ରଖିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିବା ସହ ଗ୍ରାମବାସୀଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଅଭିଯୋଗପତ୍ର ଦାଖଲ କରାଯାଇଥିଲା। ତେବେ କିଛି ମାସ ପୂର୍ବରୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଚିଲିକା ତହସିଲଦାରଙ୍କ ହସ୍ତକ୍ଷେପ କରି କିଛି ସଂଲଗ୍ନ ଜମି ଉଚ୍ଛେଦ କରିବା ସହ ପ୍ରାୟତଃ ଅସ୍ଥାୟୀ ଦୋକାନ ଘର ଭଙ୍ଗା ଯାଇଥିଲା। କିନ୍ତୁ ବର୍ତ୍ତମାନ ଘୋଡା ଦୌଡ଼ ଜେଟିର ନବୀକରଣ କାର୍ଯ୍ୟ ଜାରି ରହିଥିବା ବେଳେ କିଛି ମୁଷ୍ଟିମେୟ ପ୍ରଭାବଶାଳୀ ଲୋକ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜେଟି ସଂଲଗ୍ନ ଅନେକ ଜମିକୁ ଏଯାବତ୍ ଜବରଦଖଲ କରି ରଖିଛନ୍ତି। ତେବେ ଏହାକୁ ବିରୋଧ କରି ଚିଲିକା ଆଦ୍ରଭୂମି ସଂରକ୍ଷଣ ସମିତି ପକ୍ଷରୁ ଯଥାଶୀଘ୍ର ଅବଶିଷ୍ଟ ଜବରଦଖଲକୁ ଉଚ୍ଛେଦ ପାଇଁ ଚିଲିକା ତହସିଲଦାର ଚକ୍ରଧର ପାଢ଼ୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ତହସିଲଦାର ଶ୍ରୀ ପାଢ଼ୀଙ୍କୁ ପଚାରିବାରୁ ଜବର ଦଖଲ ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଥିବାବେଳେ ସମସ୍ତ ଜବରଦଖଲ କାରୀଙ୍କୁ ଉଚ୍ଛେଦ ନେଇ ନୋଟିସ ମଧ୍ୟ କରାଯାଇଛି। ନିର୍ବାଚନୀ ବ୍ୟସ୍ତତା ନେଇ ଉଚ୍ଛେଦ ପ୍ରକ୍ରିୟା ବିଳମ୍ବ ହୋଇଛି। ଯଥାଶୀଘ୍ର ଜବରଦଖଲ ଉଚ୍ଛେଦ କରାଯିବ ବୋଲି କହିଥିଲେ।

## ● ଅଶୋକାଷ୍ଟମୀ ରଥଯାତ୍ରା

# ଅଭିମାନୀ ମା' ନାରାୟଣୀ ଭାଙ୍ଗିଲେ ରଥ ଚକ

**ନିରାକାରପୁର, ୧୯।୪(ସମିସ):** ଡିଆ କପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରାର ଦଶମୀରେ ଚାରି ଭଉଣୀ ମା ସରସ୍ୱତୀ, ଲକ୍ଷ୍ମୀ, କାଳୀ, ନାରାୟଣୀ ଆସି ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଅଭିମାନରେ ରଥର ଏକ ଅଂଶକୁ ଭାଙ୍ଗି ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପରେ ବିଳମ୍ବିତ ରାତିରେ ଆସି ଗୁଣ୍ଡିଚା ମନ୍ଦିର ଅବସ୍ଥାପନ କରିବେ।



ସେହିପରି ଏକାଦଶୀରେ ରଥର ଦିଗ ପରିବର୍ତ୍ତନ କରାଯିବ। ଦ୍ୱାଦଶୀରେ ଠାକୁରମାନେ ଗୁଣ୍ଡିଚା ମନ୍ଦିରରୁ ବାହାରି ଗ୍ରାମରେ ଭୋଗ ଖାଇ ରଥାରୂଢ଼ ହେବେ। ଏହାପରେ ପରିଚାଳନା କମିଟି ତରଫରୁ ଠାକୁରଙ୍କ ପାଖରେ ସ୍ୱତନ୍ତ୍ର ପଣା ଲାଗି କରାଯିବ। ନିଶାର୍ଦ୍ଧରେ ଗହୀର ବିଲରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ରଥକୁ ଟାଣିଟାଣି ନେଇ ଭେଟ ବାଲି ନିକଟରେ ପହଞ୍ଚାଇବେ। ଏଠାରେ ସ୍ଥାନୀୟ ଗୋପାଳଙ୍କ ଦ୍ୱାରା ସ୍ୱତନ୍ତ୍ର ପଣା ଲାଗି କରାଯିବାପରେ ପୁଣିଥରେ ରଥକୁ ଟାଣି ଟାଣି ମନ୍ଦିର ପର୍ଯ୍ୟନ୍ତ ନିଆଯିବ। ଅପରାହ୍ନରେ ଠାକୁର ମାନେ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ଅବସରରେ ପୁରୀ ଗଜପତିଙ୍କ ଦ୍ୱାରା ନିଯୋଜିତ ଦଳବେହେରାଙ୍କୁ ଶିରପା ପ୍ରଦାନ କରାଯିବ।

# ବେଆଇନ ମାଙ୍କଡ଼ା ଖଣିରେ ଚଢ଼ଉ; ପାୱାର ଟିଲର ଜବତ

**ଟାଙ୍ଗୀ, ୧୯।୪(ସମିସ):** ଟାଙ୍ଗୀ ବ୍ଲକ ଅଧିନସ୍ଥ ରାମଚନ୍ଦ୍ରପୁର ପଞ୍ଚାୟତ ଦରିକୋ ମୌଜାରେ ଏକ ସରକାରୀ ଖଣି ରହିଥିଲେ ମଧ୍ୟ ଲିଜଧାରୀ ଏହାର ଆଖପାଖ ଅଞ୍ଚଳରୁ ବେଆଇନ ଭାବେ ମାଙ୍କଡା ପଥର ଉତ୍ତୋଳନ କରୁଥିବା ଅଭିଯୋଗ ହେଉଛି। ଖଣି ବିଭାଗର ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଏଠାରୁ ପ୍ରାୟ ୫୦ କିମି ଦୂରରେ ରହିଛି। ଖଣି ବିଭାଗ ନିୟମିତ ଭାବରେ ଏହି ଅଞ୍ଚଳ ଗସ୍ତ କରୁନଥିବାର ସୁଯୋଗ ନେଇ ଖଣି ମାଫିଆ ବେଆଇନ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଥିବା ଦେଖାଯାଉଛି। ଶୁକ୍ରବାର ଏପରି ବେଆଇନ ଖଣି ଖନନ କାର୍ଯ୍ୟ ଚାଲିଥିବା ହେତୁ ଚାଲାଣକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥଲା। ଜିଲ୍ଲାପାଳ ତ୍ୱରିତ ପଦକ୍ଷେପ ନେବାକୁ ଟାଙ୍ଗୀ ତହସିଲଦାର ଓ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ତହସିଲଦାର ମିତାଲି ପାତ୍ରଙ୍କ ନେତୃତ୍ୱରେ ଟାଙ୍ଗୀ ରାଜସ୍ୱ ସୁପରଭାଇଜର ରାମଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକଙ୍କ ସମେତ କର୍ମଚାରୀଙ୍କୁ ନେଇ ଘଟଣାସ୍ଥଳକୁ ଯାଇଥିଲେ। ରାଜସ୍ୱ ବିଭାଗ ଓ ପୁଲିସ ଅଧିକାରୀ ପ୍ରମୁଖ ଉକ୍ତ ବେଆଇନ ଖଣିରେ ପହଞ୍ଚିଲା ବେଳକୁ ଖଣି ମାଫିଆ ପୂର୍ବରୁ ସୂଚନା ପାଇ ତାଙ୍କ ଜେସିବି ଓ ଟ୍ରାକ୍ଟର ଇତ୍ୟାଦିକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିଦେଇଥିଲେ। ଅଧିକାରୀମାନେ ରାସ୍ତାଘାଟ ସମ୍ପର୍କରେ ଅବଗତ ନଥିବାରୁ କିଛିବାଟ ପିଛା କରି ମଧ୍ୟ ସେହି ଗାଡିଗୁଡିକୁ ଜବତ କରିପାରିନଥିଲେ। ତେବେ ଗୋଟିଏ ପାୱାର ଟିଲର ଜବତ କରି ଥାନାକୁ ଆଣିଥିବା ତହସିଲଦାରଙ୍କ ଠାରୁ ସୂଚନା ମିଳିଛି।

# ଗ୍ରାମେ ଗ୍ରାମେ ଶ୍ରୀରାମ ନବମୀ ବ୍ରତ ପାଳନ



ବାଲୁଗାଁ, ୧୯।୪ (ସମିସ); ମର୍ଯ୍ୟାଦା ପୁରୁଷ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମମହୋତ୍ସବ ଅବସରରେ ରାମନବମୀ ବ୍ରତ ସମଗ୍ର ବାଲୁଗାଁ-ବାଣପୁର ଅଞ୍ଚଳରେ ପାଳିତ ହେଉଛି। ଏହି ଅବସରରେ ବାଲୁଗାଁ ସାମନ୍ତରାପୁର, ରାମପୁର, ସରଳାପଦର ଓ ଛେଡାପଦର ଆଦି ଗ୍ରାମରେ ରାମନବମୀ ବ୍ରତ ପୂଜା ଅନୁଷ୍ଠିତ ହୋଉଛି। ଏହିକ୍ରମରେ ବାଲୁଗାଁ ପରିବା ବଜାରସ୍ଥିତ ଶ୍ରୀ ରଘୁନାଥ ଦେବଙ୍କ ପୀଠରେ ଦିନତମାମ ବିଭିନ୍ନ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତ୍ରି ନଅ ଘଟିକା ସମୟରେ ମହାଦୀପ ଉଠିଥିଲା। ଠାକୁରଙ୍କୁ ଦର୍ଶନ ଓ ପୂଜା କରିବା ନିମନ୍ତେ ଦିନ ତମାମ ଉପାସନାକାରୀଙ୍କ ଆଗମନ ଲାଗି ରହିଥିଲା। ଏଥିସହ ବାଲୁଗାଁ ନିକଟସ୍ଥ ଖାରିବନ୍ଧ, ବଡ଼କୂଳ ପାନ୍ଥନିବାସରୋଡ଼, ଗଡ଼ଦ୍ୱାର, ଛତ୍ରଗଡ଼ ଓ ବାଣପୁର ପ୍ରଭୃତି ଗ୍ରାମାଞ୍ଚଳରେ ମଧ୍ୟ ସମାରେହରେ ରାମନବମୀ ମହୋତ୍ସବ ପାଳିତ ହେଉଛି। ତେବେ ଏହି ମହୋତ୍ସବ ରାମନବମୀ ଠାରୁ ଆରମ୍ଭ ହୋଇ ୨୧ ଦିନ ବିଭିନ୍ନ ଗ୍ରାମମାନଙ୍କରେ ଶହ ଶହ ଉପାସନାକାରୀ ମାନେ ଶୁଦ୍ଧପୁତ ଭାବେ ଗ୍ରାମକୁ ଆମିଷ ପ୍ରବେଶ ନିଷେଧ କରି ବ୍ରତ ପାଳନ କରୁଥିବା ଦେଖିବାକୁ ମିଳୁଛି। ପୂଜା ମଣ୍ଡପରେ ଦୈନ ଦିନ ଉପାସନାକାରୀ ସକାଳ ଓ ସଂଧ୍ୟାରେ ପୁରାଣ ପାଠ କରିବା ସହ ଅପରାହ୍ନରେ ଭୋଗ ପୂଜା କରି ପ୍ରସାଦସେବନ କରୁଥିବାର ଦେଖା ଯାଇଛି। ୨୧ଦିନ ବ୍ୟାପୀ ପୂଜା ମଣ୍ଡପରେ ଶ୍ରୀରାମଚନ୍ଦ୍ର ଜନ୍ମ ଠାରୁ ଅଭିଶେକ ପର୍ଯ୍ୟନ୍ତ ପୁରାଣ ପାଠ କରାଯିବା ସହ ସାମନ୍ତରାପୁର ଗ୍ରାମରେ ୩ ଦିନ ଧରି ରାତ୍ର ତମାମ ରାମଲୀଳା ନାଟକ ଗ୍ରାମବାସୀଙ୍କ ଦ୍ୱାରା ପରିବେଷଣ କରାଯାଉଛି। ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାରେ ଯାତ୍ରା ପରିଚାଳନା କରୁଛନ୍ତି।

# ଆଇନଜୀବୀଙ୍କ ବିୟୋଗରେ ସ୍ମୃତିସଭା

**ଖୋର୍ଦ୍ଧା, ୧୯।୪(ସମିସ):** ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକଙ୍କ ବିୟୋଗରେ ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ପକ୍ଷରୁ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଶ୍ରୀ ପଟ୍ଟନାୟକଙ୍କ ୬୨ ବର୍ଷ ବୟସରେ ଶୁକ୍ରବାର ଖୋର୍ଦ୍ଧାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକଙ୍କ ବିୟୋଗରେ ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ପକ୍ଷରୁ ଲାଇବ୍ରେରୀ ହଲେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଅମର ଆତ୍ମାର ସଦଗତି ଲାଗି ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସଂଘ ଉପସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ପ୍ରଭଞ୍ଜନ ଜେନାଙ୍କ ସମେତ ବହୁ ଆଇନଜିବୀ ଓ ସଂଘ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ବାଲିପାଟପୁରରେ ଦାତବ୍ୟ ଚକ୍ଷୁ ପରୀକ୍ଷା ଶିବିର

**ଭୂଷଣ୍ଡପୁର, ୧୯।୪(ସମିସ):** ବାଲିପାଟପୁର ପଞ୍ଚାୟତରେ ଅବସ୍ଥିତ ମା'ମଙ୍ଗଳା ଯୁବକ ସଂଘ ଅନୁକୂଲ୍ୟରେ ଶୁକ୍ରବାର ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କର ଭିଜନ ଚକ୍ଷୁ ଚିକିତ୍ସାଳୟ ଭୁବନେଶ୍ୱର ଏବଂ ମା'ମଙ୍ଗଳା ଯୁବକ ସଂଘ ମିଳିତ ଉଦ୍ୟମରେ ଆୟୋଜିତ ଚକ୍ଷୁ ପରୀକ୍ଷା ଶିବିରରେ ୪୦ଜଣ ରୋଗୀ ଚକ୍ଷୁ ପରୀକ୍ଷା କରିଥିବା ବେଳେ ସେଥିମଧ୍ୟରୁ ୮ ଜଣ ରୋଗୀଙ୍କୁ ଅପରେସନ ପାଇଁ ଭୁବନେଶ୍ୱର ନିଆଯାଇଛି। କର ଭିଜନ ର ଡ଼ଃ ବି ପି ସାମଲ, ଡ଼ଃ ଭରତ ଜେନା ଏବଂ ସହାୟକ ସତ୍ୟ ପରିଡ଼ା, ନିଖିଳ ଭୋଳଙ୍କ ଦ୍ୱାରା ସମସ୍ତ ପରୀକ୍ଷଣ କରାଯାଇଥିଲା। ମଙ୍ଗଳା ଯୁବକ ସଙ୍ଘର ସଭାପତି ଦୟାନିଧି ବେହେରା, ଉପସଭାପତି ନାରାୟଣ ବେହେରା, ସଭ୍ୟ ଅଜୟ ବେହେରା ଏବଂ କୃପାସିନ୍ଧୁ ବେହେରା ସହାୟତା କରିଥିଲେ।

# ଟାଙ୍ଗୀ ବ୍ଲକ; ୨୬ଟି ପଞ୍ଚାୟତରେ ୧୪୩ଟି ବୁଥ୍

**ଟାଙ୍ଗୀ, ୧୯।୪(ସମିସ):** ଚଳିତ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଟାଙ୍ଗୀ ବ୍ଲକର ୨୬ଟି ପଞ୍ଚାୟତରେ ଭୋଟ ଗ୍ରହଣ ପାଇଁ ୧୪୩ଟି ବୁଥ କରାଯାଇଛି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଓ ଖୋର୍ଦ୍ଧା ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଟାଙ୍ଗୀ ବ୍ଲକରେ ପ୍ରାୟ ୧ ଲକ୍ଷ ୩୩ ହଜାରରୁ ଅଧିକ ମତଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରିବାର ବ୍ୟବସ୍ଥା ହୋଇଛି। ଏହି ବ୍ଲକରେ କେତେକ ବୁଥ ଅତି ଉତ୍ତେଜନାପ୍ରବଣ ଓ ଉତ୍ତେଜନା ପ୍ରବଣ ବୁଥ ଭାବେ ପୂର୍ବରୁ ଚିହ୍ନଟ ହୋଇଥିଲା ବେଳେ ଚଳିତ ନିର୍ବାଚନ ପାଇଁ ପୁଲିସ ପ୍ରଶାସନ ତରଫରୁ ଏହାର ତାଲିକା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିନଥିବା ନିର୍ବାଚନ ଦାୟିତ୍ୱରେ ଥିବା ଜିତେନ୍ଦ୍ର କୁମାର ମିଶ୍ରଙ୍କ ଠାରୁ ପ୍ରକାଶ। ଏହି ବ୍ଲକର ଆଇନଶୃଙ୍ଖଳା ପାଇଁ ଟାଙ୍ଗୀ, ନିରାକାରପୁର ଓ ଜଙ୍କିଆ ଥାନା ସହିତ କୁହୁଡି, ଭୁଷଣ୍ଡପୁର ଓ ସିକୋ ଫାଣ୍ଡି ଇତ୍ୟାଦି ରହିଛି।

# ବେଗୁନିଆରେ ବିଜେପି ବଞ୍ଚାଅ-ଅପରାଜିତା ହଟାଅ ଅଭିଯାନ

**ବେଗୁନିଆ, ୧୯।୪(ସମିସ)**

ବେଗୁନିଆ ନିର୍ବାଚନ ମଣ୍ଡଳୀର ୨୩ ଓ ୨୬ ଜୋନରେ ପୃଥକ ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ହଟାଅ ବିଜେପି ବଞ୍ଚାଅ କାର୍ଯ୍ୟକ୍ରମ ଜାରୀ ରହିଛି। ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ବୋତଳମ ଗ୍ରାମସ୍ଥିତ ମା' ଘଣ୍ଟିଆ ବାଉତୀ ପୀଠରେ ସକ୍ରିୟ କାର୍ଯ୍ୟକର୍ତ୍ତା ସଞ୍ଜୟ କୁମାର ଛୁଆଳ ସିଂହଙ୍କ ଆବାହକତ୍ୱ ଓ ପଞ୍ଚାୟତର ବରିଷ୍ଠ ନେତା ନିମାଇଁ ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ବୈଠକରେ ଗାଁକୁ ବ୍ୟାପୁଛି ବିଜେପି ବଞ୍ଚାଅ ଅପରାଜିତା ହଟାଅ କାର୍ଯ୍ୟକ୍ରମ। ଭୁବନେଶ୍ୱର ସାଂସଦଙ୍କ ମନୋମୁଖି କାର୍ଯ୍ୟକଳାପକୁ ପୁରୁଣା ସକ୍ରିୟ ଦଳୀୟ କର୍ମୀ ବିରୋଧ ପ୍ରଦର୍ଶନ କରିଥିଲେ। ଗତ ଦୁଇ ବର୍ଷ ତଳେ ସାଂସଦ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବଗତ କରିଥିଲେ ମଧ୍ୟ ଚଳିତ ବର୍ଷ ବିଧାନସଭା ନିର୍ବାଚନରେ ପୁନର୍ବାର ସାଂସଦ ପ୍ରାର୍ଥି ଭାବେ ଲଢ଼ିବାକୁ ସୁଯୋଗ ଦିଆଯାଇ ଥିବାରୁ କର୍ମୀଙ୍କମନରେ ନୈରାଶ୍ୟ ଭାବ ସୃଷ୍ଟି କରିଥିବାରୁ ଭୁବନେଶ୍ୱର ଲୋକସଭା ପାଇଁ ସାଂସଦ ଅପରାଜିତା ପରିବର୍ତ୍ତେ ସଙ୍ଗଠନ ସହ ଜଡ଼ିତ ପୁରୁଣା ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ପ୍ରାର୍ଥି ଭାବେ ଚୟନ କରି ଘୋଷଣା କରିବାକୁ କହିଛନ୍ତି। ଅନ୍ୟପକ୍ଷରେ ବେଗୁନିଆ ନିର୍ବାଚନ ମଣ୍ଡଳୀ ବିଧାନସଭାର ବିଧାୟକ ପ୍ରାର୍ଥି ପାଇଁ ୪୦ଟି ପଞ୍ଚାୟତର ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କ ମତାମତ ନେଇ ଉପଯୁକ୍ତ ପ୍ରାର୍ଥି ଚୟନ ସହ ଘୋଷଣା କରିବା ପାଇଁ ନିବେଦନ କରିଛନ୍ତି ଯଦି କର୍ମୀଙ୍କ ବିଚାରକୁ ପ୍ରତ୍ୟାଖ୍ୟାନ କରାଯାଇ ସାଂସଦଙ୍କ ସମର୍ଥିତ ବିଧାୟକ ପ୍ରାର୍ଥୀଙ୍କୁ ବିଧାନସଭା ନିର୍ବାଚନରେ ଲଢ଼ିବାକୁ ସୁଯୋଗ ଦିଆଯିବ ତେବେ ଭୋଟ ନୋଟାରେ ଦେବା ପାଇଁ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ଧ୍ରୁବ ଚରଣ ବାହିନୀପତି, କର୍ମୀ ହେମନ୍ତ ମାନସିଂହ, ରାଜେନ୍ଦ୍ର ଶ୍ରୀ ଚନ୍ଦନ, ସୂର୍ଯ୍ୟ ପ୍ରସାଦ ପାଇକରାୟ, ଶିଶିର ସାମନ୍ତସିଂହାର, ସର୍ବେଶ୍ୱର ଦାସ, ପ୍ରତାପ ପାତ୍ର, ମାନସ ବାରିକ, ଚିତ୍ତରଞ୍ଜନ ସାମନ୍ତସିଂହାର, ଲକ୍ଷ୍ମଣ ନାୟକ ଓ ସନାତନ ବଡଜେନା ଙ୍କ ସମେତ କର୍ମୀମାନେ ଉପସ୍ଥିତ ରହି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କହିଛନ୍ତି। ସେହିପରି ୨୬ ନଂ ଜୋନ୍‌ର ଆରିକମା ସ୍ଥିତ କୋଶଳାଶୁଣି ପୀଠରେ ସ୍ଥାନୀୟ ପଞ୍ଚାୟତ ପୂର୍ବତନ ସଭାପତି ରଙ୍କନିଧି ଜେନାଙ୍କ ଆବାହକତ୍ୱରେ ବେଗୁନିଆ ମଣ୍ଡଳ ପୂର୍ବତନ ସଭାପତି ଅଜୟ କୁମାର ମାର୍ଥା, ମଧ୍ୟ ବେଗୁନିଆ ମଣ୍ଡଳ ସଭାପତି ଭଗବାନ ପଣ୍ଡା, ଦକ୍ଷିଣ ବେଗୁନିଆ ମଣ୍ଡଳ ସଭାପତି ଯଜ୍ଞେଶ୍ୱର ସୁନ୍ଦରାୟ, ବୋଲଗଡ଼ ମଣ୍ଡଳ ପୂର୍ବତନ ସଭାପତି ସମୀର ମହାରଥା, ପିଚୁକୁଳି ମଣ୍ଡଳ ପୂର୍ବତନ ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ, ପିଚୁକୁଳି ମଣ୍ଡଳ ପୂର୍ବତନ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଖାଡଙ୍ଗା, ପାଞ୍ଚଗଡ଼ ମଣ୍ଡଳ ଉପସଭାପତି ପ୍ରମୋଦ କୁମାର ମହାପାତ୍ର, ପାଞ୍ଚଗଡ଼ ମଣ୍ଡଳ ପୂର୍ବତନ ସମ୍ପାଦକ ସୁରେଶ ପ୍ରଧାନ ଓ ବଡକୁମାରୀ ପଞ୍ଚାୟତ ପୂର୍ବତନ ସଭାପତି ବସନ୍ତ କୁମାର ପ୍ରଧାନଙ୍କ ସମେତ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗ ଦେଇ ସାଂସଦଙ୍କୁ ବିରୋଧ କରି ପ୍ରତ୍ୟାହାର କରିବା ପାଇଁ ମତ ପ୍ରକାଶ କରିଛନ୍ତି। ଏପରିକି ବେଗୁନିଆ ନିର୍ବାଚନ ମଣ୍ଡଳୀର କର୍ମୀଙ୍କ ଚୟନ ଦ୍ୱାରା ସ୍ଥାନୀୟ ବିଧାୟକ ପ୍ରାର୍ଥୀ କରାଯାଉ ବୋଲି ଦାବି କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୮ • ପାଉଣ୍ଡ ୧୦୪.୨୧
- ୟୁରୋ ୮୯.୪୩ • ୟେନ୍ ୦.୫୪

**ସୁନା ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୮,୩୦୦ (ନୂଆଦିଲ୍ଲୀ)
- ରୁପା : ୮୬,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୩,୦୮୮.୦୦
- ନିଫ୍ଟି ୨୨,୧୪୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ଗହମ ଷ୍ଟକ୍ ୧୬ ବର୍ଷରେ ସର୍ବନିମ୍ନ

## ଅଟା, ସୁଜି, ମଇଦା ମହଙ୍ଗା



**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):** ସମ୍ପ୍ରତି ଘରୋଇ ବଜାରରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ଅତ୍ୟାବଶ୍ୟକ ସାମଗ୍ରୀ ଦର। ଏଥିରୁ ବାଦ୍‌ପଡିନି ବିଶେଷ କରି ଗହମରୁ ଉତ୍ପାଦିତ ଦ୍ରବ୍ୟ ଅଟା, ମଇଦା ଓ ସୁଜି। ବିଗତ ଦୁଇ ବର୍ଷ ମଧ୍ୟରେ କମ୍ ଅମଳ ହେତୁ ଦେଶର ସରକାରୀ ଗୋଦାମଗୁଡିକରେ ଗହମ ଷ୍ଟକ୍ ୧୬ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଘରୋଇ କ୍ଷେତ୍ରରେ ଯୋଗାଣ ବୃଦ୍ଧି ଏବଂ ମୂଲ୍ୟ ହ୍ରାସ କରିବା ପାଇଁ କେନ୍ଦ୍ର ସରକାର ଗତ ବର୍ଷ ରେକର୍ଡ ପରିମାଣର ଗହମ ବିକ୍ରି କରିଛନ୍ତି। ତଥ୍ୟ ଅନୁଯାୟୀ, ସରକାରୀ ଗୋଦାମଗୁଡିକରେ ଗହମ ଷ୍ଟକ୍ ପରିମାଣ ଏପ୍ରିଲ ପହିଲାରେ ମାତ୍ର ୭.୫ ନିୟୁତ ମେଟ୍ରିକ୍ ଟନ୍ ରହିଥିଲା, ଯାହା ଗତ ବର୍ଷର ୮.୩୫ ନିୟୁତ ମେଟ୍ରିକ୍ ଟନ୍‌ରୁ କମ୍। ବିଗତ ୧୦ ବର୍ଷ ମଧ୍ୟରେ ଦେଶରେ ହାରାହାରି ଗହମ ଷ୍ଟକ୍ ପରିମାଣ ୧୬.୭ ନିୟୁତ ମେଟ୍ରିକ୍ ଟନ୍ ଥିଲା। ଘରୋଇ ବଜାରରେ ଗହମର ମୂଲ୍ୟ ନିୟନ୍ତ୍ରଣ କରିବା ପାଇଁ ସରକାର ଗତ ବର୍ଷ ରେକର୍ଡ ୧୦ ନିୟୁତ ମେଟ୍ରିକ୍ ଟନ୍ ଗହମ ବିକ୍ରି କରି ସରକାରୀ ଗୋଦାମରେ ଗହମ ଷ୍ଟକ୍ ହ୍ରାସ କରିଥିଲେ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି।

ତେବେ ଷ୍ଟକ୍ କମ୍ ଥିବା ସତ୍ତ୍ୱେ କେନ୍ଦ୍ର ସରକାର ଗହମ ଆମଦାନୀ ଉପରୁ ଏ ଯାଏ ୪୦ ପ୍ରତିଶତ ଟିକସ ହ୍ରାସ କରିନାହାଁନ୍ତି କିମ୍ବା ରୁଷ ପରି ବଡ ଯୋଗାଣକାରୀଙ୍କଠାରୁ ସିଧାସଳଖ ଗହମ କିଣିବାକୁ ନିଷ୍ପତ୍ତି ନେଇନାହାଁନ୍ତି। ଏହା ପରିବର୍ତ୍ତେ, ସରକାରୀ ଭଣ୍ଡାର ଘରୁ ବଡ଼ କ୍ରେତାମାନଙ୍କୁ (ଯେପରିକି ମଇଦା ମିଲ୍ ଏବଂ ବିସ୍କୁଟ ଉତ୍ପାଦନକାରୀ) ଗହମ ବିକ୍ରି କରିଛନ୍ତି। ଏତେ ବଡ଼ ପରିମାଣର ଗହମ ବିକ୍ରି କରିବା ପରେ ବି ସରକାରଙ୍କ ପାଖରେ ସର୍ବନିମ୍ନ ଆବଶ୍ୟକତାଠାରୁ ଅଧିକ ଗହମ ଷ୍ଟକ୍ ରହିଛି। ଭବିଷ୍ୟତରେ ଏହାକୁ ୧୦ ମିଲିୟନ୍ ଟନ୍ ଉପରେ ରଖିବାକୁ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ସରକାର ପ୍ରତିବର୍ଷ ଏପ୍ରିଲ୍ ପହିଲା ସୁଦ୍ଧା ସରକାରୀ ଗୋଦାମରେ ଅତି କମ୍‌ରେ ୭.୪୭ ନିୟୁତ ଟନ୍ ଗହମ ଷ୍ଟକ୍ ରଖିବାକୁ ପଡିବ। ଚଳିତ ବର୍ଷ ଏହି ଲକ୍ଷ୍ୟ ପୂରଣ କରିବାକୁ ସରକାର ଚାଷୀଙ୍କଠାରୁ ୩୦ ରୁ ୩୨ ନିୟୁତ ଟନ୍ ଗହମ କ୍ରୟ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେବେ ଗତ ଦୁଇ ବର୍ଷ ମଧ୍ୟରେ ଅଧିକ ଗରମ ପ୍ରବାହ ହେତୁ କମ୍ ଫସଲ ଅମଳ ହୋଇଛି। ଯାହା ଫଳରେ ସରକାର ଗହମ କ୍ରୟ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହୋଇ ନାହାଁନ୍ତି। ରୁଷ-ୟୁକ୍ରେନ ଯୁଦ୍ଧ ହେତୁ ବିଶ୍ୱ ବଜାରରେ ଗହମର ଅଭାବ ସତ୍ତ୍ୱେ ଭାରତ ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଛି। ଯଦି ସରକାର ଚଳିତବର୍ଷ ମଧ୍ୟ କ୍ରୟ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ନ ହୁଅନ୍ତି, ତେବେ ଆସନ୍ତା ସାଧାରଣ ନିର୍ବାଚନ ପରେ ଗହମ ଆମଦାନୀ ଉପରେ ଶୁଳ୍କ ହଟାଯାଇପାରିବ, ଯାହାଦ୍ୱାରା ମଦାନୀକୁ ପ୍ରୋତ୍ସାହିତ କରାଯାଇପାରିବ।

## ପ୍ରଜ୍ଞା ମିଶ୍ର ଓପନ୍‌ଏଆଇର ଭାରତରେ ପ୍ରଥମ କର୍ମଚାରୀ



**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):** ଚାର୍ଟଜିପିଟି ପଛରେ ଥିବା କମ୍ପାନୀ ଓପନ୍‌ଏଆଇ ଭାରତରେ ପ୍ରଥମ କର୍ମଚାରୀ ଭାବେ ପ୍ରଜ୍ଞା ମିଶ୍ରଙ୍କୁ ନିଯୁକ୍ତି ଦେଇଛି। କମ୍ପାନୀ ୩୯ ବର୍ଷୀୟ ପ୍ରଜ୍ଞା ମିଶ୍ରଙ୍କୁ ଏହାର ସରକାରୀ ସମ୍ପର୍କ ମୁଖ୍ୟ ଭାବରେ ନିଯୁକ୍ତ କରିଛି। ଏହା ପୂର୍ବରୁ ମିଶ୍ର ଟ୍ରୁ କଲର୍ ଏବଂ ମେଟାରେ କାର୍ଯ୍ୟ କରୁଥିଲେ। ସେ ଚଳିତ ମାସ ଶେଷରେ ଓପନ୍‌ଏଆଇରେ କାମ ଆରମ୍ଭ କରିବେ। ପ୍ରଜ୍ଞା ୨୦୧୨ରେ ଇଣ୍ଟରନ୍ୟାସନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଏମବିଏ କରିଛନ୍ତି। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି।

## ଡା. ପ୍ରଦୀପ୍ତ ମହାନ୍ତି ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ



**ଭୁବନେଶ୍ୱର, ୧୯।୪ (ସମିସ):** ୨୦୨୪-୨୫ ବର୍ଷ ପାଇଁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବେ ଡା. ପ୍ରଦୀପ୍ତ ମହାନ୍ତି ନିଯୁକ୍ତ ହୋଇଛନ୍ତି। ଓଡ଼ିଶାର ଦ୍ରୁତ ଅଭିବୃଦ୍ଧିକୁ ନେଇ ଡା. ମହାନ୍ତି ଆଶାବାଦୀ ରହିଛନ୍ତି। କେବଳ ବୃହତ ଶିଳ୍ପକୁ ପ୍ରୋତ୍ସାହନ ଦେବା ନୁହେଁ ବରଂ ଏମଏସଏମଇ କ୍ଷେତ୍ର ଉପରେ ଧ୍ୟାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହାବ୍ୟତୀତ ସୁନୀଲ ଗୁପ୍ତା ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି।

ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଡା. ମହାନ୍ତି କହିଛନ୍ତି ଯେ, ପାରାଦୀପରେ ଏକ କାର୍ଗୋ କଣ୍ଟେନର ସେବା ବ୍ୟବସ୍ଥା ଆରମ୍ଭ କରିବାକୁ ଆମେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛୁ। ଏ ନେଇ ଏବେ ଆଲୋଚନା ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଏହାଛଡା ଝାରସୁଗୁଡାଠାରେ ସିଆଇଆଇର ଏକ ନୂଆ ସେଣ୍ଟର ଖୋଲାଯିବ ବୋଲି ଡ. ମହାନ୍ତି ସୂଚନା ଦେଇଛନ୍ତି। ଏହାସହ ସିଆଇଆଇ ମହିଳା ଷ୍ଟାର୍ଟଅପ୍‌କୁ ଗୁରୁତ୍ୱ ଦେବା ନେଇ ସୂଚନା ସେ ଦେଇଛନ୍ତି। ଖଣି, ଉତ୍ପାଦନ, ଶକ୍ତି ଏବଂ ଭିତ୍ତିଭୂମି ବିକାଶ ଭଳି କ୍ଷେତ୍ରରେ ଡା.ମହାନ୍ତିଙ୍କ ବ୍ୟାପକ ଅଭିଜ୍ଞତା ଏବଂ ରଣନୈତିକ ପରିଚାଳନା କ୍ଷେତ୍ରରେ ଶ୍ରୀ ଗୁପ୍ତାଙ୍କ ଦକ୍ଷତା,ଓଡ଼ିଶା ପାଇଁ ପରିବର୍ତ୍ତନମୂଳକ ପରିବର୍ତନ ଏବଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିର ପ୍ରତିଶ୍ରୁତି ଦେଉଛି। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ବୈଠକରେ ମତବ୍ୟକ୍ତ

**ପାରାଦୀପରେ କାର୍ଗୋକେଣ୍ଟନର ସେବା ଆରମ୍ଭ କରିବାକୁ ପ୍ରସ୍ତାବ**

**ଝାରସୁଗୁଡାରେ ଖୋଲିବ ସିଆଇଆଇର ନୂଆ ସେଣ୍ଟର**

କରି ଶ୍ରୀ ଗୁପ୍ତା କହିଛନ୍ତି, ଆମର ପ୍ରୟାସଗୁଡ଼ିକ ମଧ୍ୟରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ସହିତ ବୃହତ ଶିଳ୍ପ ସଂସ୍ଥାମାନଙ୍କ ସହ ସମନ୍ୱୟକୁ ପ୍ରୋତ୍ସାହିତ କରିବା ସାମିଲ ରହିବ। ଏହା ସହିତ ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବା ଏବଂ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ଦିଗରେ ଆମର ପ୍ରୟାସ ରହିବ।

## ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆର ତୁରଞ୍ଜା ୬ଆଇ ନୂଆ ପ୍ରିମିୟମ୍ ଟାୟାର




**ଭୁବନେଶ୍ୱର, ୧୯।୪ (ସମିସ):** ବ୍ରିଜ୍‌ଷ୍ଟୋନ ଇଣ୍ଡିଆ ଯାତ୍ରୀବାହୀ ଯାନ ସେଗମେଣ୍ଟ ପାଇଁ ଏହାର ନୂଆ ପିଢିର ଟାୟାର ବ୍ରିଜଷ୍ଟୋନ ତୁରଞ୍ଜା ୬ଆଇ ଶୁଭାରମ୍ଭ କରିଛି। ଭାରତର ସଡ଼କ ଗୁଡ଼ିକ ଲାଗି ଏହା ସ୍ୱତନ୍ତ୍ର ଭାବରେ ବିକଶିତ ହୋଇଥିବା ଟାୟାର ଓ ଏହା ଚାଳକଙ୍କୁ ଆରାମ ଦାୟକ ଯାତ୍ରା ଅନୁଭୂତି ସହ ଟାୟାରର ଦୀର୍ଘଜୀବନ ପ୍ରଦାନ କରିଥାଏ। ବ୍ରିଜଷ୍ଟୋନ ତୁରଞ୍ଜା ୬ଆଇ ୩୬ଏସକେୟୁରେ ୧୪ ଇଞ୍ଚ୍‌ରୁ ୨୦ ଇଞ୍ଚ୍ ପର୍ଯ୍ୟନ୍ତ ଉପଲବ୍ଧ ଏସୟୁଭି, ସେଡାନ, ହ୍ୟାଚବ୍ୟାକ ଓ ସିୟୁଭି ଅନ୍ତର୍ଭୁକ୍ତ ଯାନ ପାଇଁ ଲକ୍ଷ୍ୟ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ପ୍ରିମିୟମ ଗାଡ଼ି ଗୁଡ଼ିକ ଲାଗି ଏହି ଟାୟାରର ଶୁଭାରମ୍ଭ ସରକାରଙ୍କ ମେକ ଇନ ଇଣ୍ଡିଆ ପଦକ୍ଷେପ ବ୍ରିଜଷ୍ଟୋନର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଉନ୍ମୋଚନ ସହ ବ୍ରିଜଷ୍ଟୋନ ଭାରତର ଅଗ୍ରଣୀ ଟାୟାର ପ୍ରସ୍ତୁତକାରୀ ଭାବରେ ଉଭା ହୋଇଛି। ଏହି ଟାୟାରର ବିଶେଷତ୍ୱ ଏନିଲଟେନ ଟେକ୍ନୋଲୋଜି ସହ ଇନ୍ଧନ ଦକ୍ଷତା ଓସୁଗମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ। ତୁରଞ୍ଜା ୬ଆଇ ଉଭୟ ସାଧାରଣ କାର୍ଯ୍ୟ ଦକ୍ଷତା ଓ କମ ଶବ୍ଦ, ଉନ୍ନତ ଇନ୍ଧନ ଦକ୍ଷତା ଓ ଉନ୍ନତ କାର୍ଯ୍ୟ ଦକ୍ଷତା ପ୍ରଦାନ ସହ ବୈଦ୍ୟୁତିକ ଯାନର ଆବଶ୍ୟକତାକୁ ପୂରଣ କରିବ। ଦ୍ରୁତ ଗତିରେ ବଢୁଥିବା ଭାରତୀୟ ବଜାର ପାଇଁ ସର୍ବୋତ୍ତମ ପ୍ରଯୁକ୍ତି ପ୍ରଦାନ କରିବାକୁ ତୁରଞ୍ଜା ୬ଆଇ ଆମର ପ୍ରତିବଦ୍ଧତାକୁ ଦର୍ଶାଏ।

## ଫ୍ଲିପ୍‌କାର୍ଟର ଭିଆଇପି ସବ୍‌ସ୍କ୍ରିପ୍‌ଶନ ପ୍ରୋଗ୍ରାମ

**ଭୁବନେଶ୍ୱର,୧୯।୪(ସମିସ):** ଭାରତର ଘରୋଇ ଇ-କମର୍ସ ମାର୍କେଟପ୍ଲେସ୍ ଫ୍ଲିପ୍‌କାର୍ଟ ଭୁବନେଶ୍ୱରରେ ଗ୍ରାହକଙ୍କ ପାଇଁ ଏହାର ଭିଆଇପି ସବ୍‌ସ୍କ୍ରିପ୍‌ଶନ ପ୍ରୋଗ୍ରାମର ଶୁଭାରମ୍ଭ କରିଛି। ଫ୍ଲିପ୍‌କାର୍ଟ ଭିଆଇପି ପ୍ରୋଗ୍ରାମ ଲକ୍ଷ ଲକ୍ଷ ପ୍ରଡକ୍ଟ ଉପରେ ୪୮ ଘଣ୍ଟାର ମାଗଣା ଡେଲିଭରି, ୧୦୦% ଉତ୍ପାଦଗୁଡିକର ପେମେଣ୍ଟ ପାଇଁ ସୁପରକଏନର ବ୍ୟବହାର କରି ୫%ର ଅତିରିକ୍ତ ସଂଚୟ, ସମର୍ପିତ ଗ୍ରାହକ ସହଯୋଗ ପ୍ରତି ତତ୍କାଳ ପହଞ୍ଚ,୧ ଟଙ୍କାରେ କ୍ଲିୟରଟ୍ରିପରେ ଫ୍ଲାଇଟ୍ଗୁଡିକର କ୍ୟାନ୍ସେଲେଶନ କିମ୍ବା ରିସେଡ୍ୟୁଲିଂ, କ୍ଲିୟରଟ୍ରିପ ହୋଟେଲ ବୁକିଂ ଉପରେ ଅତିରିକ୍ତ ଅଫର, ୪୮ ଘଣ୍ଟାମଧ୍ୟରେ ରିଟର୍ଣ୍ଣ ପିକ୍‌ଅପ ଓ ସପିଂ ଫେଷ୍ଟିଭାଲଗୁଡିକ ପାଇଁ ନିଶ୍ଚିତ ପ୍ରାରମ୍ଭିକ ପହଞ୍ଚ ସମେତ ଅନେକ ସ୍ୱତନ୍ତ୍ର ଲାଭ ପ୍ରଦାନ କରୁଛି। ୪୯୯ ଟଙ୍କାର ଏକ ବାର୍ଷିକ ମେମ୍ବରସିପ ଫି' ସହିତ ଭିଆଇପି ପ୍ରୋଗ୍ରାମକୁ ଅପ୍‌ଡେଟ୍ ହୋଇ ଗ୍ରାହକମାନେ ସମୃଦ୍ଧ ରିୱାର୍ଡ ପାଇପାରିବେ ଯାହା ସେମାନଙ୍କୁ ଫ୍ଲିପ୍କାର୍ଟରେ ସର୍ବୋତମ ସପିଂ ଅନୁଭୂତି ପ୍ରଦାନ କରିବ। ପ୍ରତ୍ୟେକ ଗ୍ରୋସରୀ ଅର୍ଡର ଉପରେ ସଂଚୟ ହାସଲ କରିବା ପାଇଁ ସମସ୍ତ ନୂଆ ଭିଆଇପି ଗ୍ରାହକଙ୍କ ପାଇଁ ଏଠାରେ ଏକ ସୀମିତ ଅବଧି ଅଫର୍ ରହିଛି।

## ଗୋପାଳପୁରରେ ରାଡିସନ୍ ହୋଟେଲ ଗ୍ରୁପ୍ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ



**ଭୁବନେଶ୍ୱର,୧୯।୪(ସମିସ):** ରାଡିସନ ହୋଟେଲ ଗ୍ରୁପ ଓଡ଼ିଶାର ଗୋପାଳପୁରରେ ଏହାର ପ୍ରଥମ ହୋଟେଲ - ପ୍ରମୋଦ ଲ୍ୟାଣ୍ଡସ ଏଣ୍ଡ ରିସୋର୍ଟ, ରେଡିସନ ଇଣ୍ଡିଭିଜୁଆଲର ସଦସ୍ୟ ଖୋଲିଛି। ଦକ୍ଷିଣ ଓଡ଼ିଶାର ସୁନ୍ଦର ଗୋପାଳପୁର ବେଳାଭୂମିରେ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ, ରାଡିସନ୍ ଇଣ୍ଡିଭିଜୁଆଲ୍‌ସର ସଦସ୍ୟ ଅବସ୍ଥିତ ଏବଂ ଅତିଥିମାନଙ୍କୁ ଶାନ୍ତିପୂର୍ଣ୍ଣ ରହଣିର ପ୍ରତିଶ୍ରୁତି ଦେଇଥାଏ। ଗୋପାଳପୁରର ଶାନ୍ତ ସ୍ଥାନରେ ଆମର ସବୁଠାରୁ ନୂଆ ହୋଟେଲ ଖୋଲିଥିବାରୁ ଆମେ ଆନନ୍ଦିତ। ଏହାର ଅବ୍ୟବହୃତ ପର୍ଯ୍ୟଟନ ସମ୍ଭାବନା ସହିତ ଗୋପାଳପୁର ଓଡ଼ିଶାର ପର୍ଯ୍ୟଟନ ଅଭିବୃଦ୍ଧିକୁ ଉନ୍ନତ କରିବାର ସୁଯୋଗ ହାତରେ ରଖିଛି। ଓଡ଼ିଶାର ରାଡିସନ୍ ପର୍ସନାଲ୍ସର ସଦସ୍ୟ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟର ଏହି ଉଦଘାଟନ ଆମର ମୂଲ୍ୟବାନ ସହଯୋଗୀଙ୍କ ଅତୁଟ ସହଯୋଗରେ ଦେଶର ଦ୍ୱିତୀୟ ଓ ତୃତୀୟ ସ୍ତରରେ ବିଶ୍ୱସ୍ତରୀୟ ଆତିଥେୟତା ମାନ ଆଣିବା ଉପରେ ଆମର ଗୁରୁତ୍ୱକୁ ପ୍ରତିଫଳିତ କରୁଛି ବୋଲି ନିଖିଲ ଶର୍ମା, ଦକ୍ଷିଣ ଏସିଆ- ରାଡିସନ୍ ହୋଟେଲ୍ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ତଥା ଏରିଆ ସିନିୟର ଭାଇସ ପ୍ରେସିଡେଣ୍ଟ କହିଛନ୍ତି।

**ଭାରତୀୟ ମସଲାକୁ ସିଙ୍ଗାପୁରରୁ ଲାଗିଲା ଝଟ୍‌କା**

## ଏଭରେଷ୍ଟ ଫିସ୍ କରୀ ମସଲାରେ କୀଟନାଶକ



**ମସଲା ଫେରାଇଲା ନେବାକୁ କହିଲା ସିଙ୍ଗାପୁର କମ୍ପାନୀ**

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):** ନେସ୍‌ଲେ ପରେ ଏବେ ଏଭେରେଷ୍ଟ ମସଲାକୁ ଲାଗିଛି ଶକ୍ତ ଝଟ୍‌କା। ପୂର୍ବରୁ ନେସ୍‌ଲେ କମ୍ପାନୀର ଉତ୍ପାଦ ଉପରେ ପ୍ରଶ୍ନ ଉଠିଥିଲାବେଳେ ଏବେ ଫିସ୍ କରୀ ମସଲାକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ସିଙ୍ଗାପୁର ସରକାର ବଜାରରେ ଥିବା ଏଭେରେଷ୍ଟର ସମସ୍ତ ଫିସ୍ ମସଲାକୁ ଫେରାଇ ନେବାକୁ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଫିସ୍ ମାଛ ମସଲାରେ କୀଟନାଶକ ଏଥିଲିନ ଅକ୍ସାଇଡର ସ୍ତର ଅନୁମୋଦିତ ସୀମାଠାରୁ ଅଧିକ ରହିଥିବା ଜଣାପଡିଛି। ଏହାପରେ ସିଙ୍ଗାପୁର ଏଭଳି ପଦକ୍ଷେପ ନେଇଛି।ଏଠାରେ ସୂଚନାଯୋଗ୍ୟ ଯେ, ଇଥିଲିନ୍ ଅକ୍ସାଇଡ୍ ହେଉଛି ଏକ ପ୍ରକାର କୀଟନାଶକ।

ଏ ନେଇ ହଙ୍ଗକଙ୍ଗ ଖାଦ୍ୟ ସୁରକ୍ଷା ବିଭାଗର ଏକ ଅଧିସୂଚନା ଜାରି କରିବା ପରେ ସିଙ୍ଗାପୁର ସରକାରଙ୍କ ତରଫରୁ ଏଭଳି ପଦକ୍ଷେପ ନିଆଯାଇଛି। ସିଙ୍ଗାପୁର ଖାଦ୍ୟ ଏଜେନ୍ସି ତା'ର ଏକ ବୟାନରେ କହିଛି ଯେ, ହଙ୍ଗ୍‌କଙ୍ଗସ୍ଥିତ ଖାଦ୍ୟ ସୁରକ୍ଷା କେନ୍ଦ୍ର ତରଫରୁ ଏଭେରେଷ୍ଟ ମାଛ ମସଲାରେ ଏଥିଲିନ ଅକ୍ସାଇଡର ମାତ୍ରା ଅଧିକ ଥିବା ସୂଚନା ଦେଇଥିଲା। ସିଙ୍ଗାପୁର ନିୟମ କ୍ରମରେ ମସଲାର ଗୁଣବତ୍ତା ବୃଦ୍ଧି କରିବାକୁ ସେଥିରେ ଏଥିଲିନ୍ ଅକ୍ସାଇଡ ମିଶାଇବାର ବ୍ୟବସ୍ଥା ରହିଛି। ହେଲେ ଏଭେରେଷ୍ଟ ଫିସ୍ ମସଲାରେ ଏହାର ପରିମାଣ ଅଧିକ ରହିଛି, ଯାହା ସ୍ୱାସ୍ଥ୍ୟପକ୍ଷେ ଅତ୍ୟନ୍ତ ହାନୀକାରକ। ଅପରପକ୍ଷେ ସିଙ୍ଗାପୁର ଫୁଡ ଏଜେନ୍ସି କହିଛି ଯେ, ଏହି ମସଲା ଯେଉଁ ଲୋକମାନେ ବ୍ୟବହାର କରିଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାପ୍ରକଟ କରାଯାଇଛି। ସେମାନଙ୍କୁ ତୁରନ୍ତ ମେଡିକାଲ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଏକ ସତର୍କ ସୂଚନା ଜାରି କରାଯାଇଛି। ହେଲେ ଏଭେରେଷ୍ଟ ତରଫରୁ ଏ ପର୍ଯ୍ୟନ୍ତ ଏହା ଉପରେ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

## ଭାରତକୁ ପୁଣି ପ୍ରଶଂସା କଲା ଆଇଏମ୍‌ଏଫ୍

**ନୂଆଦିଲ୍ଲୀ,୧୯।୪(ଏଜେନ୍ସି):** ଭାରତୀୟ ଅର୍ଥ ବ୍ୟବସ୍ଥାର ଅଗ୍ରଗତିକୁ ନେଇ ସାରା ଦୁନିଆର ରେଟିଂ ଏଜେନ୍ସିଗୁଡିକ ପ୍ରଶଂସା କରୁଛନ୍ତି। ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ମଧ୍ୟ ବାରମ୍ବାର ଭାରତ ସରକାରଙ୍କ ନୀତିକୁ ପ୍ରଶଂସା କରିଆସିଛି। ଏହା ମଧ୍ୟରେ ପୁଣି ଥରେ ଆଇଏମ୍‌ଏଫ ଭାରତର ପ୍ରଶଂସା କରିଛି। ନିର୍ବାଚନୀ ବର୍ଷରେ ଆର୍ଥିକ ଅନୁଶାସନର ସ୍ଥିରତା ନେଇ ଆଇଏମ୍‌ଏଫ ଭାରତକୁ ପ୍ରଶଂସା କରିଛି।

ଏହାସହ ଆଇଏମଏଫ କହିଛି ଯେ ଭାରତୀୟ ଅର୍ଥ ବ୍ୟବସ୍ଥା ଭଲ ପ୍ରଦର୍ଶନ କରୁଛି ଏବଂ ଏବେ ବି ଦୁନିଆର ବ୍ରାଇଟ୍ ସ୍ପଷ୍ଟ ହୋଇ ରହିଛି। ଆଇଏମଏଫର ଏସିଆ-ପ୍ରଶାନ୍ତ ବିଭାଗ ମୁଖ୍ୟର ନିର୍ଦ୍ଦେଶକ କୃଷ୍ଣା ଶ୍ରୀନିଭାସନ କହିଛନ୍ତି, 'ବର୍ତ୍ତମାନ ଭାରତର ଅର୍ଥବ୍ୟବସ୍ଥା ଭଲ ପ୍ରଦର୍ଶନ କରୁଛି। ୬.୮ ପ୍ରତିଶତର ବୃଦ୍ଧି ବହୁତ ଭଲ। ଦରବୃଦ୍ଧି କମ ହେଉଛି। ଆମକୁ ଏହା ସୁନିଶ୍ଚିତ କରିବାକୁ ହେବ ଯେ ମୁଦ୍ରାସ୍ଫୀତିକୁ ଧାର୍ଯ୍ୟ ଲକ୍ଷ୍ୟ ଭିତରେ ରହିବ। ରାଜକୋଷୀୟ ଅନୁଶାସନ ବଜାୟ ରଖିବା ଖାସକରି ନିର୍ବାଚନ ବର୍ଷରେ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। କାରଣ ଦେଶ ନିର୍ବାଚନୀ ବର୍ଷରେ ଆର୍ଥିକ ସହାୟକ କାର୍ଯ୍ୟ ଆରମ୍ଭ କରିଥାଏ। ଶ୍ରୀନିଭାସନ କହିଛନ୍ତି, 'ଏଇ ସରକାର ଅନୁଶାସନ ବଜାୟ ରଖିଛି। ମୁଁ ମତରେ ଏହା ହିଁ ଗୁରୁତ୍ୱପୂର୍ଣ୍ଣ କାରଣ ଶେଷରେ ମାଇକ୍ରୋ ଫଣ୍ଡାମେଣ୍ଟାଲ ଆଧାରରେ ହିଁ ଦେଶ ସମୃଦ୍ଧ ହୁଏ ଏବଂ ସ୍ଥିର ବୃଦ୍ଧି ଜାରି ରହେ। ଶ୍ରୀନିଭାସନ କହିଛନ୍ତି ଯେ ଭାରତ, ବୈଶ୍ୱିକ ବୃଦ୍ଧିରେ ଯୋଗଦାନ ଦେଉଥିବା ପ୍ରମୁଖ ଦେଶ ମଧ୍ୟରୁ ଗୋଟିଏ। ସେ କହିଛନ୍ତି, 'ଚଳିତ ବର୍ଷ ୬.୮ ପ୍ରତିଶତର ଆର୍ଥିକ ବୃଦ୍ଧି ନେଇ ଆମେ ଅନୁମାନ କରୁଛୁ। ଏହା ଘରୋଇ ଚାହିଦା ଏବଂ ବଡ଼ ଧରଣର ସାର୍ବଜାନୀନ ନିବେଶ ଦ୍ୱାରା ସମ୍ଭବ ହେବ। ଭାରତ ବୈଶ୍ୱିକ ବୃଦ୍ଧିରେ ପ୍ରାୟ ୧୭ ପ୍ରତିଶତର ଯୋଗଦାନ ହେବ।

**ଦୁଃସମୟ ଦେଇ ଗତିକରୁଛି ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କ**

## ଆରବିଆଇ ରେଟିଂରେ ତଳକୁ ଖସୁଛି







**ମହାମାରୀ ପରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ**

**୨୦୨୨-୨୩ରେ ଅନାଦାୟ ଋଣ ୮.୮%କୁ ବୃଦ୍ଧି**

**ନୂଆଦିଲ୍ଲୀ,୧୯।୪ (ଏଜେନ୍ସି):** ଭାରତରେ ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କଗୁଡିକର ଇତିହାସ ୧୯ତମ ଶତାବ୍ଦୀରୁ ଆରମ୍ଭ। ୟୁରୋପରେ ସେତେବେଳେ ଏଭଳି ବ୍ୟାଙ୍କଗୁଡିକର ସଫଳତା ପରେ ଦେଶରେ ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କଗୁଡିକର ପ୍ରତିଷ୍ଠା କରାଯାଇଥିଲା, କିନ୍ତୁ କୋଭିଡ୍ ମହାମାରୀ ପରେ ଏହି ବ୍ୟାଙ୍କଗୁଡିକର ସମୟ ଭଲ ଜଣାପଡୁନାହିଁ। ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ପକ୍ଷରୁ ଜାରି କରାଯାଇଥିବା ପ୍ରାଥମିକ ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କର ଆଉଟଲୁକ୍ ୨୦୨୨-୨୩ ରିପୋର୍ଟ ଅନୁଯାୟୀ, ୫ ଲକ୍ଷ କୋଟିରୁ ଅଧିକ ଜମା ଥିବା ବ୍ୟାଙ୍କଗୁଡିକ ଆରବିଆଇର ରେଟିଂର ନିମ୍ନ ଦୁଇଟି ବର୍ଗରେ ସ୍ଥାନିତ ହୋଇଛି।

ସମବାୟ ବ୍ୟାଙ୍କଗୁଡିକ ଲୋକପ୍ରିୟ କାରଣ ସେମାନେ ଅନ୍ୟ ବ୍ୟାଙ୍କ ତୁଳନାରେ ପ୍ରାୟତଃ ଅଧିକ ସୁଧ ହାର ପ୍ରଦାନ କରିଥାନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ବ୍ୟାଙ୍କ ମହାମାରୀ ପରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇଯାଇଛନ୍ତି। ପୁଞ୍ଜି ପର୍ଯ୍ୟାପ୍ତତା, ସମ୍ପତ୍ତି ଗୁଣବତ୍ତା, ପରିଚାଳନା, ଆୟ, ଲିକ୍ୱିଡିଟି ଏବଂ ସିଷ୍ଟମ ଏବଂ ନିୟନ୍ତ୍ରଣ ପରି କାରକ ଆଧାରରେ ଆରବିଆଇ ବ୍ୟାଙ୍କଗୁଡ଼ିକର ରେଟିଂ ସ୍ଥିର କରିଥାଏ। ୨୦୧୮-୧୯ରେ, ଅର୍ବାନ୍ ସମବାୟ ବ୍ୟାଙ୍କଗୁଡିକର ପ୍ରାୟ ୨୨ ପ୍ରତିଶତ ନିମ୍ନ ଦୁଇଟି ବର୍ଗରେ ସ୍ଥାନିତ ହୋଇଥିଲା। ୨୦୨୨-୨୩ରେ ଏହି ସଂଖ୍ୟାରେ ବୃଦ୍ଧି ଘଟି ତାହା ୩୫ ପ୍ରତିଶତ ହୋଇଯାଇଛି। ୨୦୧୩-୧୪ରେ, ସେମାନଙ୍କ ପୋର୍ଟଫୋଲିଓରେ ଅନାଦାୟ ଋଣର ଅଂଶ ୫.୭% ରହିଥିଲା। ୨୦୨୨-୨୩ରେ ଏହା ୮.୮ ପ୍ରତିଶତକୁ ବୃଦ୍ଧି ପାଇଛି। ଅଡିଟ୍ ବ୍ୟବସ୍ଥା (ନେଟ୍ ଏନପିଏ) ପରେ ଅନାଦାୟ ଋଣର ଅନୁପାତ ୨୦୨୨-୨୩ରେ ୨.୧ ପ୍ରତିଶତ ରହିଥିଲା। ଏହାପୂର୍ବରୁ, କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ଏହିପରି ବ୍ୟାଙ୍କଗୁଡ଼ିକୁ ମଜବୁତ କରିବା ପାଇଁ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ଏହା ପରେ ବ୍ୟାଙ୍କରେ ଜମା ମୂଲ୍ୟ ସାମାନ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଲା। ଏକ ବର୍ଷ ପୂର୍ବେ ପଞ୍ଜାବ ଏବଂ ମହାରାଷ୍ଟ୍ର ସମବାୟ ବ୍ୟାଙ୍କ (ପିଏମସି) ବିଫଳ ହେବା ପରେ ୨୦୨୦ ଠାରୁ ୫ ଲକ୍ଷ ଟଙ୍କା ଯାଏ ଜମା ରାଶି ବୀମାଭୁକ୍ତ ହୋଇଛି। ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କଗୁଡିକରେ ବୀମାଭୁକ୍ତ ଜମା ହାର ୨୦୨୧-୨୨ରେ ୭୧.୨ ପ୍ରତିଶତରୁ ୨୦୨୨-୨୩ରେ ୬୯.୫ ପ୍ରତିଶତକୁ ଖସିଆସିଛି।

